

ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଈଶ୍ୱରଙ୍କୁ କେହି କୃଷ୍ଣ, କେହି ଖ୍ରୀଷ୍ଟ, କେହି ଆଲ୍ଲା ପ୍ରଭୃତି ନାମରେ ଡାକିଥାଆନ୍ତି। କିନ୍ତୁ ଈଶ୍ୱର ଏକ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଫନୀ ପ୍ରଭାବିତଙ୍କ ପାଇଁ ଡାକ୍ତରଙ୍କ ସହାୟତା

**ସମ୍ବଲପୁର,୫।୫(ବ୍ୟୁରୋ):** ଫନୀ ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ଭିମ୍ସାରରେ ଅବସ୍ଥାପିତ ଡାକ୍ତର ଶଙ୍କର ରାମଚନ୍ଦାନୀ (ସିନିୟର ରେସିଡେନ୍ସ) ସହାୟତା ଦେଇଛନ୍ତି। ନିଜ ଦରମାରୁ ସେ ୧୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଉପକୂଳ ଓଡ଼ିଶାର ମେରୁଦଣ୍ଡକୁ ଫନୀ ଭାଙ୍ଗି ଦେଇଛି। ଲୋକଙ୍କ ଘରଦ୍ୱାର ଭାଙ୍ଗି ଯାଇଛି। ବେସରକାରୀ ସହ ସରକାରୀ ସମ୍ପତି ମଧ ନଷ୍ଟ ହୋଇଛି। ଏଣୁ ଫନୀ ପ୍ରଭାବିତ ଲୋକଙ୍କ ପାଇଁ ସମସ୍ତେ ନିଜ ସାଧମତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି।

### ବାଟବଣା ହେଇଛେ ହରିଶ୍ଚନ୍ଦ୍ର ଯୋଜନା

**ଘଣ୍ଟାପଡା, ୫।୫ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଁଚେତ୍‌ରେ ଗଲା ୨ ବଛର ହେଲା ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀ ଟଁକା ନାଇଁ ପାଇଥିବାର ଅଭିଯୋଗ ହେଇଛେ। ଇ ବାବ୍‌ଦେ କେତେ ଲୋକ ରଏବାର ପଁଚେତ୍ ଅଫିସକେ ଆସି ଛୁଟିର ଲାଗି ଫିରିଯାଇଥିବାର ଦେଖିବାକେ ମିଳିଥିଲା। ରେକ୍‌ଡ଼ୋଲ ଗାଁର ଜଗଦିଶ ପାଣ୍ଡେ ଅଭିଯୋଗ କରିଛନ୍ ଯେ ଗଲା ବଛରେ ହେଲା ତାକର ବାପା ମଲେନ। ପଁଚେତ୍‌ରେ ସେ ସବୁ କାଗଜ୍‌ପତର ଦାଖଲ କରିଛନ୍, ହେଲେ ଯୋଜନାର ଲାଭ ନାଇଁ ପାଏବାର। ସେନ୍‌ତା ସେ ଗାଁର ଅଧିକ ରଣାଙ୍କର ୬ ମାସ ହେଲା, ବାବାଜି ରଣା ୪ ହେଲା, ମାଣିକପୁର ଗାଁର ବିଲାସ ରଣା ମରବାର ୬ମାସ ବିତଲାନ, ସୁନା ଭୋଇଙ୍କର ମାଏକିନା ଅଞ୍ଜନା ମରବାର ୨ ବଛର ହେଲାନ, ଚମାର ତାଣ୍ଡିଙ୍କର ମା' ପାଣିବୁଢ଼ିଙ୍କର ମରବାର ବଛରେରୁ ଅଧିକା ହେଲା, ଏନ୍‌ଥେଇ ଗାଁର ଅନେକ ଲୋକ୍ ଯୋଜନାର ଲାଭ୍ ପାଏବାରୁ ବଁଚିତ ହେଇଥିବାର ଅଭିଯୋଗ କରିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍‌କୁଁ ପଚରାଲାରୁ ଅନ୍‌ଲାଇନ୍ ଫର୍ମ ପୂରନ୍ କରି ଆବେଦନ କରାଯାଇଛେ, ଉତର ନୁହେ ଆସେ ବଲି ସେ କହିଥିଲେ। ଇ ବାବ୍‌ଦେ ଉନିଆ ପଁଚେତ୍‌ର ହାଲ ଜାନବାର ଲାଗି କେତେ ସରପଁଚ୍‌କୁଁ ଯୋଗାଯୋଗ କରାଯାଇଥିଲା। ସଭେ ଗୁଟେ କଥା କହିଥିଲେ ଯେ, ଇ ଯୋଜନାର ଲାଗି ସରକାର ଟଁକା ନାଇଁ ଦେବାର। ଯେନ୍‌ପଁଚେତର ଉନ୍ନୟନ ପାଁଠି ଅଛେ, ସେଥିରୁ ହିତାଧିକାରୀକୁଁ ଟଁକା ଦିଆଯାଉଛେ। ହରିଶ୍ଚନ୍ଦ୍ର ଯୋଜନାର ଲାଗି ରାଏଜ୍ ସରକାରକଁରନୁ ଅନୁଦାନ ନାଇଁ ଆଏବାର ବଲି ସଭେ କହିଥିଲେ। ଇ ବାବ୍‌ଦେ କଣ୍ଟାମାଳ ବିଡିଓଙ୍କର ମତାମତ ନେବାର ଲାଗି ଯୋଗାଯୋଗ କରାଯାଇଥିଲେ ବି ତାକର ମୋବାଇଲ ସୁଇଚ୍ ଅଫ୍ ଥିଲା। ଯେନ୍‌ଥିରଲାଗି ମତାମତ ନାଇଁ ମିଳିପାରି।

■ ଚିଲିଚିଲା ଗ୍ରାମରେ ପାନୀୟ ଜଳ ସଙ୍କଟ

# ନଦୀ ପାଣି ହିଁ ଏକ ମାତ୍ର ଭରସା

**ଧର୍ମଗଡ,୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଚିଲିଚିଲା ଗାଁ ସହରଠାରୁ ମାତ୍ର ୪ କି.ମି. ଦୂରରେ ଅବସ୍ଥିତ। ଗାଁରେ ପ୍ରାୟ ୪ ହଜାର ଲୋକ ବାସ କରନ୍ତି। ଖରା ଦିନ ଆସିଲେ ଏହି ଗାଁରେ ପାଇଁ ପାନୀୟ ଜଳ ସମସ୍ୟା ବଢ଼ିଯାଏ । ମାସେ କି ଦି ମାସ ନୁହେଁ ବର୍ଷ ବର୍ଷ ଧରି ଏଠାରେ ଏହି ସମସ୍ୟା ଲାଗି ରହିଛି । ଗ୍ରାମରେ ୭ ରୁ ୮ ନଳ କୂପ ରହିଛି। ହେଲେ କେଉଁଠି ଲୁଣି ପାଣି ବାହାରୁଛି ତ ଆଉ କେଉଁ ଠି ଏକ ଘଣ୍ଟା ମାରିଲେ ଏକ ବାଲଟି ପାଣି ବାହାରିଥାଏ। ଆଉ କେଉଠି ଅଚଳ ହୋଇପଡିଛି ନଳକୂପ। ଏହାକୁ ନେଇ ବାରମ୍ବାର ପ୍ରଶାସନଠାରୁ ଆରମ୍ଭ କରି ସରକାର ପର୍ଯ୍ୟନ୍ତ ଗୁହାରି କରିଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଗ୍ରାମଠାରୁ ୨ କି.ମି. ଦୂରରେ ଥିବା ନଦୀ ପାଣି ହିଁ ଏମାନଙ୍କ ପାଇଁ ଏକ ମାତ୍ର ଭରସା ପାଲଟିଛି । ମହିଳାମାନେ ସକାଳୁ ଉଠି ପାଣି ପାଇଁ ନଦୀକୁ ଯାଉଥିବା ବେଳେ ସେଠାରେ ଚୁଆଁ ଖୋଳି ପାଣି ସଂଗ୍ରହ କରୁ କରୁ ବହୁ ବିଳମ୍ବ ହୋଇଯାଇଥାଏ । ଅପରାହ୍ନରେ ମଧ୍ୟ ସେହି ସମାନ ଅବସ୍ଥା। ସେହି ନଦୀ ପାଣି ଉପରେ ପିଇବାଠାରୁ ଆରମ୍ଭ କରି ଗୋଧୋଇବା ପର୍ଯ୍ୟନ୍ତ ଗ୍ରାମବାସୀ ବ୍ୟବହାର କରିଥାନ୍ତି । ଆଉ ଖରା ଦିନରେ ପରିସ୍ଥିତି ଆହୁରି ଗମ୍ଭିର ହୋଇପଡୁଛି। ନଦୀ ଶୁଖି ଯିବାରୁ ମହିଳାମାନେ ନଦୀ ମଧ୍ୟରେ ଚୁଆଁ କରି ପାଣି ସଂଗ୍ରହ କରିଥାନ୍ତି। ଅପରପକ୍ଷରେ ଗ୍ରାମରେ ଥିବା ପୋଖରୀ ମଧ୍ୟ ଖରା ଦିନରେ ଶୁଖି ଯାଉଥିବା ବେଳେ ଗାଈଗୋରୁଙ୍କ ପାଇଁ ମଧ୍ୟ ସମସ୍ୟା ପାଲଟିଥାଏ। ଏପରି ସ୍ଥଳେ ସରକାର କିମ୍ବା ପ୍ରଶାସନ ଦୃଷ୍ଟି ନ ଦେବା ନିଶ୍ଚିତ ଭାବରେ ବିଡମ୍ବନାର ବିଷୟ। ବିଭିନ୍ନ ସମୟରେ ଗାଁର ଏହି ସମସ୍ୟା ପାଇଁ ଲୋକେ ଆନ୍ଦୋଳନ ମଧ୍ୟ କରିଛନ୍ତି। ଆନ୍ଦୋଳନ ସମୟରେ ପ୍ରତିଶ୍ରୁତି ମିଳିଥାଏ । ତେବେ ପରବର୍ତ୍ତୀ ସମୟରେ ତାହା କେବଳ ପ୍ରତିଶ୍ରୁତିରେ ହିଁ ସିମିତ ରହିଯାଇଥାଏ। ତୁରନ୍ତ ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ମହିଳାମାନେ ନଦୀରୁ ପାଣି ସଂଗ୍ରହ କରି ଫେରୁଛନ୍ତି ।

**ଧର୍ମଗଡ ବ୍ଲକ**
- ୨ କି.ମି. ଦୂରକୁ ଯାଇ ପାଣି ସଂଗ୍ରହ କରନ୍ତି
- ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ଦାବି

■ ଦୀର୍ଘ ମାସ ହେଲା ଶବଗୃହ ଫ୍ରିଜର ଅଚଳ

# ଶବ ନେଇଯିବାକୁ ଅଡି ବସଲେ ସମ୍ପର୍କୀୟ

**ଭବାନୀପାଟଣା,୫।୫(ଡି.ଏନ.ଏ.)**

**ଜିଲା ମୁଖ୍ୟ ଡାକ୍ତରଖାନା**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନା ଶବ ଗୃହର ଫ୍ରିଜର ଦୀର୍ଘ ମାସ ଧରି ଅଚଳ ହୋଇପଡିଛି। ଫ୍ରିଜର ଅଚଳ ଥିବା ଯୋଗୁ ଶବ ସୁରକ୍ଷିତ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ଗୁରୁବାର ସନ୍ଧ୍ୟାରେ ଏକ ବିଷକ୍ରିୟା ଜନିତ ମୃତ୍ୟୁ ହୋଇଥିବା ଯୁବକଙ୍କ ଶବ ବ୍ୟବଚ୍ଛେଦ କରିବାକୁ ପୋଲିସ ମନା କରିବା ପରେ ସମ୍ପର୍କିୟମାନଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇବା ସହ ଶବକୁ ନେଇଯିବାକୁ ସେମାନେ ଅଡିବସିଥିଲେ। ସମ୍ପର୍କରେ କଳାହାଣ୍ଡି ଜିଲାପାଳ ଖବର ପାଇ ଏଥିରେ ହସ୍ତକ୍ଷେପ ପରେ ରାତିରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୟପାଟଣା ମହାବିରପଡାର ଇମୋ ଖାନ ବିଷ ପିଇ ଗୁରୁତର ହୋଇପଡିଥିଲେ। ପ୍ରଥମେ ତାଙ୍କୁ ଜୟପାଟଣା ଡାକ୍ତରଖାନା ଓ ପରେ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ଶବକୁ ନେଇ ସଦର ମୁଖ୍ୟ ଡାକ୍ତରଖାନର ଶବ ଗୃହରେ ରଖାଯାଇଥିଲା। ସେଠାରେ ଫ୍ରିଜର ଅଚଳ ଥିବାରୁ ପରିବାର ଲୋକେ ଶବକୁ ଗାଁକୁ ନେଇଯିବା ପାଇଁ ଦାବି କରିଥିଲେ। ଗତ କିଛିଦିନ ତଳେ ଏକ ଅଚିହ୍ନା ଶବ ଏହି ଶବ ଗୃହରେ ୬ ଦିନ ଧରି ବିନା ଫ୍ରିଜରରେ ପଡି ରହିଥିବା ଯୋଗୁ ଅତ୍ୟନ୍ତ ଦୁର୍ଗନ୍ଧ ହୋଇପଡିଥିଲା। ପରେ ପୋଲିସ ଶବକୁ ନେଇ ଶବ ସତ୍କାର କରିଥିଲା। ଏହି ସ୍ଥାନରେ ଦୁର୍ଗନ୍ଧ ଯୋଗୁ ଶବ ତୁରନ୍ତ ବ୍ୟବଚ୍ଛେଦ ପାଇଁ ଇମୋ ଖାନଙ୍କ ପରିବାର ଲୋକେ ଅଡି ବସିଥିଲେ। ପରେ ଜିଲାପାଳ ଘଟଣାର ହସ୍ତକ୍ଷେପ କରି ରାତିରେ ଶବ ବ୍ୟବଚ୍ଛେଦ ପାଇଁ ଅନୁମତି ଦେଇଥିଲେ। ଜୟପାଟଣା ପୋଲିସ ରାତିରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ଘଟଣା ସମ୍ପର୍କରେ ସିଡିଏମୋ ବନଲତା ଦେବୀଙ୍କ ଦୃଷ୍ଟି ଆର୍କଶ କରିବାରୁ ଶୀଘ୍ର ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଫ୍ରିଜରର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।




ରବିବାର ସମ୍ବଲପୁରରେ ହାସ୍ୟକବିତା ପୁସ୍ତକ ଏଚକେ- ୪୭କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ହାସ୍ୟ କବିତା ପୁସ୍ତକ ଏଚକେ- ୪୭ ଉନ୍ମୋଚିତ

**ସମ୍ବଲପୁର, ୫।୫ (ବ୍ୟୁରୋ)**

ହାସ୍ୟ ବ୍ୟଙ୍ଗ କବିତା ପୁସ୍ତକ ଏଚକେ- ୪୭ ରବିବାର ସମ୍ବଲପୁର ଫ୍ରେଜର୍ କ୍ଲବ ସଭା କକ୍ଷରେ ଉନ୍ମୋଚିତ ହୋଇଯାଇଛି। କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗବେଷକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟଅତିଥି, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା, ହାସ୍ୟ କବି ଆର୍ତ୍ତତ୍ରାଣ ମିଶ୍ର, ଦେବେନ୍ଦ୍ର ସାହୁ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, କ୍ରୀଡା ସଂଗଠକ ବିଶ୍ୱମ୍ଭର ବହିଦାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କବିତା ପୁସ୍ତକର କବି ଗୁଣରଞ୍ଜନ ସାଲିମା ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସମ୍ବଲପୁରୀ ଭାଷାରେ ରଚିତ ଏହି ପୁସ୍ତକରେ ମୋଟ ୪୭ଟି କବିତା ରହିଛି । ସେଥିପାଇଁ ଏହି କବିତା ପୁସ୍ତକକୁ ଏଚକେ- ୪୭ ଭାବେ ନାମିତ କରାଯାଇଛି । ସେଥି ମଧ୍ୟରୁ ମାର୍ ମାଚିସ୍, ରାବଣ ଉବାଚ, ମୁଁତ ଝନେ ନେତା, ସେଲ୍‌ଫି, ବାସି ପଖାଲର ଚୋଟ୍, ସେ ପାପକେ କରୁଥା ସୁରତା, ଢାଏଁ ନନ୍ ଢନ୍ ପ୍ରଭୃତି କବିତା ଗୁଡିକ ଲୋକଙ୍କ ମଧରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଅବସରରେ ଶିବ ମହାରଣାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର, ହୀରାକୁଦ, ବୁର୍ଲା, ଭଟଲି, ବରପାଲି, ବରଗଡ ଅଞ୍ଚଳର କବି, ଲେଖକ, ଗାଳ୍ପିକ, ସାହିତ୍ୟକ ଓ ସାମାଜିକ କର୍ମୀ ସାମିଲ ଥିଲେ ।

### ରଶିରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ବେଲପାହାଡ଼,୫।୫(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଗଉଡ଼ପଡ଼ାରେ ଜଣେ ଯୁବକ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ନାମ ଖଗେଶ୍ୱର ସାହୁ (୪୦)। ସେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଏଫ୍‌ସିପି ବିଭାଗରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ଶନିବାର ରାତିରେ ଖଗେଶ୍ୱର ଖାଇ ସାରିବା ପରେ ଘରର ଏକ କୋଠରିରେ ଏକୁଟିଆ ଶୋଇଥିଲେ। ପାଖ କୋଠରିରେ ତାଙ୍କ ସ୍ତ୍ରୀ, ଶାଶୁ, ୧୦ ବର୍ଷର ପୁଅ ଓ ୩ ବର୍ଷର ଝିଅ ଶୋଇଥିଲେ। ସମସ୍ତେ ଶୋଇଯିବା ପରେ ଖଗେଶ୍ୱର ଆଜବେଷ୍ଟସ ଛାତରେ ଲାଗିଥିବା ଏକ ଲୁହା ଆଙ୍ଗଲରେ ରଶି ଲଗାଇ ଝୁଲି ପଡ଼ିଥିଲେ। ରବିବାର ସକାଳେ ପରିବାର ଲୋକଙ୍କଠାରୁ ସୂଚନା ପାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ ଅଶାନ୍ତି ଯୋଗୁ ଖଗେଶ୍ୱର ମାନସିକ ଭାରାସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୪/୨୦୧୯) ରଜୁ କରି ତଦନ୍ତ ଚଳାଇଛି।

■ ଆର୍‌ଏସ୍‌ପି କୋକ୍ ଓଭେନ ବିଭାଗ

# ନିଜସ୍ୱ ପ୍ରୟାସରେ କୋକ୍ ଗାଇଡ୍ କେଜ୍ ରିପ୍ଲେସମେଣ୍ଟ ଷ୍ଟେଶନର ବିକାଶ

**ରାଉରକେଲା ଅଫିସ,୫।୫**

ଆର୍‌ଏସ୍‌ପି କୋକ୍ ଓଭେନ ବିଭାଗୀୟ ସାମୁଦାୟିକ ନିଜସ୍ୱ ସମ୍ବଳର ଉପଯୋଗ ପୂର୍ବକ ବ୍ୟାଟେରି ୪ ଓ ୬ରେ କୋକ୍ ଗାଇଡ୍ କେଜ୍ ରିପ୍ଲେସମେଣ୍ଟ ଷ୍ଟେଶନର ବିକାଶ ସାଧନ କରିବା ସହିତ ଏହାକୁ ସ୍ଥପନା ମଧ୍ୟ କରିଛନ୍ତି। ଏହି ପ୍ରୟାସ ଦ୍ୱାରା କମ୍ପାନୀର ୩୦.୪୦ ଲକ୍ଷ ଟଙ୍କା ସଞ୍ଚୟ କରାଯାଇ ପାରିଛି। ଏହି ନୂତନ ଷ୍ଟ୍ରକଚର ସ୍ଥାପନ ସହିତ କୋକ୍ ଗାଇଡ୍ କାର୍‌ର ଲାଇଫରେ ବୃଦ୍ଧି ଘଟିଛି ଏବଂ କ୍ୱେଚିଂ କାର୍ ରେଳଚ୍ୟୁତ ଘଟଣାକୁ ମଧ ଏଡ଼ାଇ ଦିଆଯାଇ ପାରିଛି। ସୂଚନାଯୋଗ୍ୟ, କୋକ୍ ଓଭେନ ବ୍ୟାଟେରି ୪ ଓ ୬ କୋକ୍ ଗାଇଡ୍ କାର୍‌ର ଗାଇଡ୍ କେଜ୍ ପରିବର୍ତ୍ତନ ଅଥବା ସମ୍ପୂର୍ଣ୍ଣ ନବୀକରଣ ନିମନ୍ତେ କୌଣସି ବ୍ୟବସ୍ଥା ନ ଥିଲା। ଏଥିଯୋଗୁ କୋକ୍ ଗାଇଡ୍ କେଜ୍ ମରାମତି କରିବା ଅତ୍ୟନ୍ତ କଷ୍ଟସାଧ ହେଉଥିଲା।



ଆର୍‌ଏସ୍‌ପି ପକ୍ଷରୁ କୋକ୍ ଗାଇଡ୍ କେଜ୍ ରିପ୍ଲେସ୍‌ମେଣ୍ଟ ଅବସରରେ ଉପସ୍ଥିତ ଅଧିକାରୀ।

# ମିଳୁନି ଅନୁଦାନ, ଅନେକ ଛାତ୍ରାବାସ ବନ୍ଦ

**ଖପ୍ରାଖୋଲ,୫।୫ (ଡି.ଏନ.ଏ.)**

**ବିଗହରା ସରକାରଙ୍କ ଋତୁକାଳୀନ ଛାତ୍ରାବାସ କାର୍ଯ୍ୟକ୍ରମ**

ସରକାର ଦାଦନ ପରିବାରର ଛାତ୍ରୀଛାତ୍ରଙ୍କ ପାଠ ପଢା ବ୍ୟବସ୍ଥା ପାଇଁ ଋତୁ କାଳିନ ଛାତ୍ରାବାସ ବ୍ୟବସ୍ଥା କରିଛନ୍ତି। ଶ୍ରମ ବିଭାଗ ଏବଂ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଚାଲିଛି। ଦାଦନ ପରିବାରର ଛାତ୍ରୀଛାତ୍ର କିଭଳି ଉପଯୁକ୍ତ ରହିବା, ଖାଇବା ବ୍ୟବସ୍ଥା ପାଇପାରିବେ ସେ ନେଇପିଲା ପିଛା ହାରାହାରି ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଠିକ ସମୟରେ ଅନୁଦାନ ମିଳୁ ନ ଥିବାରୁ ଛାତ୍ରାବାସ ଚଳାଉଥିବା କେୟାର ଟେକରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଏବେ ଅନେକ ଛାତ୍ରାବାସ ବନ୍ଦ ହୋଇଯାଉଥିବା ଅଭିଯୋଗ ହେଉଛି। ଦାଦନ ପ୍ରବଣ ବଲାଙ୍ଗୀର ଜିଲାର ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ୨୦୧୮-୧୯ ବର୍ଷରେ ମୋଟ ୧୯ଟି ଋତୁ କାଳୀନ ଛାତ୍ରାବାସ ଗତ ନଭମ୍ବର ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ହେଲେ ଠିକ ସମୟରେ ଅନୁଦାନ ମିଳୁ ନ ଥିବାରୁ ପ୍ରାୟ ୭ଟି ଛାତ୍ରାବାସ କିଛି ଦିନ ହେଲା ବନ୍ଦ ହୋଇଯାଇଛି। ସରକାର ଯଦି ଦାଦନ ପରିବାରର ପିଲାଙ୍କୁ ଉପଯୁକ୍ତ ରହିବା ଖାଇବା ଓ ଶିକ୍ଷାଦାନ ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତେବେ କାହିଁକି ଏଭଳି ସମସ୍ୟା ଦେଖା ଦେଉଛି ସେ ନେଇ ଜନ ଅସନ୍ତୋଷ ଦେଖା ଦେଉଛି। ସାଧାରଣତଃ ଦାଦନ ଭାବରେ ଅନେକ ପରିବାର ଅକ୍ଟୋବର, ନଭେମ୍ବର ମାସରୁ ଯାଉଥିବାବେଳେ ମେ ଶେଷ ସପ୍ତାହ ବେଳକୁ ଫେରିଥାନ୍ତି। ସେମାନେ ତାଙ୍କ ପିଲାଙ୍କୁ ଛାତ୍ରାବାସରେ ଛାଡି ଦାଦନ ଯିଥାନ୍ତି। ହେଲେ ଏହି ପରିବାର ଫେରିବା ପୂର୍ବରୁ ଛାତ୍ରାବାସ ଏପ୍ରିଲ ମାସରୁ ବନ୍ଦ କରି ଦିଆଯାଉଥିବାରୁ ପିଲାମାନେ କେମିତି ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଛାତ୍ରାବାସ ଦାୟିତ୍ୱରେ ଥିବା ଖପ୍ରାଖୋଲ ବ୍ଲକ ସହଶିକ୍ଷା ଅଧିକାରୀ ବୀରେନ୍ଦ୍ର ସାହୁଙ୍କୁ ପଚାରିବାରୁ ଅନୁଦାନ ପାଇଁ ଜିଲାସ୍ତରକୁ ପଠାଯାଇଛି । ବିଭିନ୍ନ କାରଣରୁ ଟଙ୍କା ରିଲିଜ୍ ହୋଇପାରୁ ନ ଥିବାରୁ ସମସ୍ୟା ଦେଖାଦେଇଛି । ୧୯ଟି ଛାତ୍ରାବାସରୁ ୭ଟି ବନ୍ଦ ହୋଇଥିବା ସେ କହିଛନ୍ତି।

# ଗ୍ରୀଷ୍ମକାଳୀନ ମାର୍ଶାଲ ଆର୍ଟ ଶିବିର

**ସମ୍ବଲପୁର, ୫।୫ (ବ୍ୟୁରୋ)**

ସାଓଲିନ କୁଙ୍ଗ୍‌ ଉଷୁ ଆସୋସିଏସନ୍ ପକ୍ଷରୁ ଗ୍ରୀଷ୍ମକାଳୀନ ମାର୍ଶଲ ଆର୍ଟ ଶିବିର ରବିବାର ସକାଳେ ବିନାଖଣ୍ଡିଠାରେ ଶୁଭାରମ୍ଭ ହୋଇଛି । ଆର୍ନ୍ତଜାତୀୟ କୋଚ ସୁରେଶ ନିଜାର୍ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଆସୋସିଏସନ୍ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଶିବିର ଆୟୋଜିତ ହୋଇଛି। ଜୁନ ୩୦ ତାରିଖ ଶିବିର ଉଦ୍‌ଯାପିତ ହେବ । ସମ୍ବଲପୁର ମାରୱାଡି ଯୁବାମଞ୍ଚ ଓ ନବଚେତନା କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି। ସହରର ବିଭିନ୍ନ ଅଞ୍ଚଳରୁ ୪୮ ଜଣ ଛାତ୍ରୀଛାତ୍ର ସବଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଭାଗ ନେଇଛନ୍ତି। ସୋନୁପ୍ରସାଦ ସୋନାର, ପ୍ରିୟଙ୍କା ମିତ୍ତଲ, ଗାୟତ୍ରୀ ମିଶ୍ର, ଶିବାନୀ ଅଗ୍ରୱାଲ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।



ରବିବାର ସମ୍ବଲପୁର ବିନାଖଣ୍ଡିଠାରେ ଆୟୋଜିତ ଗ୍ରୀଷ୍ମକାଳୀନ ମାର୍ଶାଲ ଆର୍ଟ ଶିବିରରେ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଉଛନ୍ତି।

# ଜଳିଗଲା ଟେଷ୍ଟ ହାଉସ ସାମଗ୍ରୀ

**ବ୍ରଜରାଜନଗର,୫।୫(ଡି.ଏନ୍.ଏ.)**

ସ୍ଥାନୀୟ ଭୂତବଙ୍ଗଳା ଛକ ନିକଟରେ ଥିବା ଏକ କୋଠାରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଘରେ ଶିବା ଟେଷ୍ଟ ହାଉସର ସମସ୍ତ ମୂଲ୍ୟବାନ ସାମଗ୍ରୀ ରଖାଯାଇଥିଲା। ସେଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ମାଲିକ ନିର୍ମଳ ପଣ୍ଡା ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା, ଲଖନପୁର, ବେଦାନ୍ତ ଏବଂ ସ୍ଥାନୀୟ ରେସକ୍ୟୁ କମ୍ପ୍ଲେକ୍ସର ୭ଟି ଦମକଳ ଗାଡ଼ି ପହଞ୍ଚି ଦୀର୍ଘ ସାଢ଼େ ୩ ଘଣ୍ଟା ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ପୂର୍ବରୁ କେବୁଲ ଚୋରି

**କିର୍ମିରା,୫।୫(ଡି.ଏନ୍.ଏ.)**

କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ବାଗଡିହି ବିଦ୍ୟୁତ ବିଭାଗ ଅନ୍ତର୍ଗତ ଜୁନାପାଲି ଗ୍ରାମର ୩୦ ବିପିଏଲ୍ ପରିବାର ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ଏନଟିପିସି ଠିକା ସଂସ୍ଥା ଦ୍ୱାରା ଏକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଗତ ଅଗଷ୍ଟ ମାସରୁ ଏହାର କାମ ଶେଷ ହୋଇସାରିଥିବା ବେଳେ ଏହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଦୁର୍ବୃତ୍ତ ଟ୍ରାନ୍ସଫର୍ମରରେ ଲାଗିଥିବା କେବୁଲ ଚୋରି କରିନେଇଛନ୍ତି। ତେବେ ଠିକା ସଂସ୍ଥା ଅଗଷ୍ଟ ମାସରୁ ବାଗଡିହି ବିଦ୍ୟୁତ ବିଭାଗକୁ ଏହାକୁ ହସ୍ତାନ୍ତର କରିସାରିଛି। ହସ୍ତାନ୍ତର ପରେ ମଧ ବିଦ୍ୟୁତ୍ ଚାର୍ଜ କରା ନ ଯିବାରୁ କେବୁଲ ଚୋରି ହେଲା ଏବଂ ଏଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ବାଗଡିହି ୱେସ୍କୋ କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଯିବାରୁ ଠିକା ସଂସ୍ଥା ଏହାକୁ ଚାର୍ଜ କରି ହସ୍ତାନ୍ତର କରିବା କଥା ବୋଲି କହିଥିଲେ। ଗ୍ରାମରେ ଥିବା ଅନ୍ୟ ଟ୍ରାନ୍ସଫର୍ମରରୁ ସାମୟିକ ଭାବେ ଉକ୍ତ ବିପିଏଲ୍ ପରିବାରଗୁଡ଼ିକୁ ବିଦ୍ୟୁତ ଯୋଗାଇ ଦିଆଯାଉଛି। ଚୋରି ହୋଇଥିବା କେବୁଲ ପୁଣି ଲଗାଇବା ପାଇଁ ସମ୍ପୃକ୍ତ ଠିକା ସଂସ୍ଥାକୁ କୁହାଯାଇଛି। ଖୁବଶୀଘ୍ର କାମ ସାରି ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି।



### ଦନ୍ତା ଉପଦ୍ରବରେ ବଡମାଳ ଅରବିନ୍ଦ ସ୍କୁଲ ଘର ଭାଙ୍ଗିଲା

**ରେଢାଖୋଲ,୫।୫(ଡି.ଏନ.ଏ.)**

ରେଢାଖୋଲ ବନଖଣ୍ଡର ବଡମାଳ ଅଞ୍ଚଳରେ ପୁଣି ଦନ୍ତା ହାତୀର ଉପଦ୍ରବ ଆରମ୍ଭ ହୋଇଛି। ଦନ୍ତା ହାତୀଟି ବଡମାଳ ଗ୍ରାମରେ ପଶି ଶିବ ମନ୍ଦିର ନିକଟରେ ଥିବା ଶ୍ରୀ ଅରବିନ୍ଦ ସ୍କୁଲର ଅଫିସ ଗୃହ ସମେତ ଶ୍ରେଣୀ କୋଠରୀଗୁଡିକୁ ଭାଙ୍ଗି ଦେଇଛି। ସ୍କୁଲର ସମ୍ମୁଖ ଛାଉଣୀକୁ ସଂପୂର୍ଣ୍ଣ ଭାଙ୍ଗି ଦେବା ସହ ଝରକା, କବାଟ ସବୁ ଭାଙ୍ଗି ଦେଇଛି। ଏଥିସହିତ ଗ୍ରାମର ଦିଗାମ୍ବର ଦେହୁରୀଙ୍କ ଘର ମଧ ଭାଙ୍ଗି ଦେଇଛି। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ପରିସ୍ଥିତିର ଅନୁଧାନ କରିଛନ୍ତି। ସୂଚନାଯୋଗ୍ୟ, ଯେ ଗତ ପ୍ରାୟ ବର୍ଷେ ହେବ ଏହି ଦନ୍ତା ହାତୀଟି ବଡମାଳ, ଭାଲିଆକଟା, ରେଙ୍ଗାଲି, ଗଡଗଡବାହାଳ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ କରିବା ସହ ବହୁ ଧନ ଜୀବନ ନଷ୍ଟ କରିଆସୁଛି।

# କୋମାରେ ଥାନୀୟ୍ ଏନ୍‌ଏସି: ସଡ଼କଡରା ପାଲଟିଛେ ପାଇଖାନା

**ବରପାଲି, ୫।୫ (ଡି.ଏନ.ଏ)**

ସରକାର ସ୍ୱଚ୍ଛ ଭାରତ ମିଶନ ଜରିଆରେ ଫିବଛର କୋଟି କୋଟି ଟଁକା ସାରୁଛନ୍। ସବୁଘରେ ପାଇଖାନା ତିଆର କରବାର ଲାଗି ଟଁକା ଦେଉଛନ୍। ପରିବେଶକେ ସଫାସୁତର ରଖବାର ଲାଗି ସବୁବେଲେ ପରଚାର ପରସାର ହେଉଛେ। ହେଲେ ସତେଯେନ୍‌ତା ଇ ସଚେତନତା ଅନେକ ଲୁକ୍‌କୁ ନାଇଁ ଭେଦବାର। ଖୁଲାରେ ଝାଡ଼ାଝପଟ ଯିବାରଟା ସତେ ଯେନ୍‌ତା ତାକର ଜନମ୍‌ଗତ ଅଧିକାର। ଇଥିରଲାଗି ପରିବେଶ ଆର ଲୁକ୍‌କର କେତେ ଯେ ନୁକ୍‌ସାନ ହେଉଛେ ତାକର ପରବେ ନାଇଁ। ଏନ୍‌ତା ଥିତି ଦେଖିବାକେ ମିଳିଛେ ବରଗଡ଼ ଜିଲା ବରପାଲି ଅଂଚଲରେ। ବରପାଲି ଅଂଚଲ ବରପାଲି ପାଇଖାନା ତିଆରିରେ ନାଁ କମେଇଛେ। ହେଲେ ଏହେଦେ ଇଠାନେ ଲୁକ୍‌କୁ ଯେତେ ସଚେତନ୍ କଲେ ବି ତାହାକୁ ନାଇଁ ଭେଦବାର, ଅନେକ ଲୋକ୍ ଖୁଲାରେ ଝାଡ଼ାଝପଟ ଯାଉଛନ୍। ବରପାଲି- ବଲାଙ୍ଗୀର ରାସ୍‌ତାର ୱାର୍ଡ ନଂ.୯ରେ କବି ଗଙ୍ଗାଧର ମେହେରଙ୍କର ଜନମ୍‌ପୀଠ୍‌କେ ଯିବାର ରାସ୍‌ତା ରହିଛେ। ହେଲେ ସବୁଠାନୁ ଆଶିରିଯ୍‌ର କଥା ଇ ରାସ୍‌ତାର ଦୁହିତରେ ଲୋକ୍ ଦିନ୍‌ଦାହାଡ଼େ ଝାଡ଼ାଯାଉଛନ୍। ଇ ଦୁରୁଶ୍ ଯେ କେହି ବାହାରିଆ ଲୋକ୍ ଦେଖିଲେ ଛି..ଛି, ଥୁ..ଥୁ କରବା। ଇଆଡ଼େ ବରପାଲି ଏନ୍‌ଏସି ତରଫୁ ସ୍ୱଚ୍ଛତା ହିଁ ସେବା ଦିବସ ପାଲନ କରାଯାଉଛେ। ଗଲା ଅକ୍ଟୋବର ମାସେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍‌ତା ଗୁଟେ କାଯ୍‌କରମ କରିଥିଲେ। ପରିବେଶକେ ସାଫ୍‌ସୁତର ରଖିବାର ଆମର ସମକର କାମ୍ ଆଏ। ହେଲେ ଇଠାନେ ଏନ୍‌ଏସି ତାର କାମ୍ ଠିକ୍ ହିସାବେ ପାଲନ ନାଇଁ କରୁଥିବାର ଅଭିଯୋଗ ହେଉଛେ। ଲୋକ୍ ଖୁଲାରେ ଝାଡ଼ାଝପଟ ଯିବାର ଲାଗି ଅଂଚଲଟା ଗଁଧେ ଫାଟିପଡୁଛେ। କେତେ ଲୋକ୍ ମଜାକ୍‌ରେ ଇ ରାସ୍‌ତାକେ ଚନ୍ଦନ ନଗର ରାସ୍‌ତା କହୁଥିବାର ଚରଚା ହେଉଛେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୬ ମେ, ୨୦୧୯



ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ,
ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
-ଜନ୍‌ସନ



## ସଂକ୍ଷେପରେ

### ଷ୍ଟେଟ ବ୍ୟାଙ୍କ ଅବହେଳାରୁ ପେନସନରମାନଙ୍କ ଦୁରବସ୍ଥା

ସୁନ୍ଦରଗଡ଼, ୫।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ସ୍ଥିତ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ଅବହେଳାରୁ ପେନ୍‌ସନ୍‌ର ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜୀବନର ଅର୍ଦ୍ଧାଧିକ ସମୟ ସରକାରୀ ଚାକିରୀରେ ବିତାଇ ସାରିବା ପରେ ବାକି ଜୀବନ ପେନସନ୍‌କୁ ଭରସା କରି ଚଳୁଥିବା ସରକାରୀ କର୍ମଚାରୀ ତଥା ତାଙ୍କର ଆତ୍ମୀୟମାନେ ସୁନ୍ଦରଗଡ ଷ୍ଟେଟ ବ୍ୟାଙ୍କର କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁଖ୍ୟ ଶାଖାର ଚରମ ଅବହେଳା ଯୋଗୁ ଘୋର ଦୁର୍ଦ୍ଦିନର ସମ୍ମୁଖିନ ହୋଇଛନ୍ତି। ସୁନ୍ଦରଗଡ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ପେନସନ ପାଉଥିବା ପ୍ରାୟ ୬୦ ଜଣରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କ ମାସିକ ପ୍ରାପ୍ୟ ପ୍ରାୟ ୬ମାସ ହେଲା ବନ୍ଦ ହୋଇଯାଇଛି। ଜଣାଯାଇଛି ଯେ, ବ୍ୟାଙ୍କର ଅବହେଳା ଯୋଗୁ ଏହି ବ୍ୟକ୍ତିମାନଙ୍କର ଅରିଜିନାଲ ଡକୋମେଣ୍ଟ ସବୁ ହଜିଯାଇଛି। ଏହି ଅରିଜିନାଲ ଡକୋମେଣ୍ଟ ଟ୍ରେଜେରୀରୁ ବ୍ୟାଙ୍କକୁ ହସ୍ତାନ୍ତର କରାଯାଇଥିଲା। ଫଳରେ ପେନସନରମାନେ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ବାରମ୍ବାର ବ୍ୟାଙ୍କର ଦ୍ୱାରସ୍ଥ ହୋଇ ନିରାଶ ହେଉଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ସେମାନେ ଉପରିସ୍ଥ ଅଧିକାରୀଙ୍କ ଅନୁମତିର ଆଳଦେଖାଇ ଅଯଥାରେ ସମୟ ଗଡାଉଥିବା ଲକ୍ଷ୍ୟ କରାଯାଉଛି। ସୁନ୍ଦରଗଡ଼ ପୌରପାଳିକାର ପୂର୍ବତନ କାଉନସିଲର ପଞ୍ଚା ବାର୍ଲା, ସାମାଜିକ କର୍ମୀ ଗୋପକୃଷ୍ଣ ନାୟକ ଏବଂ ବିଜେନ୍ଦ୍ର ଦାସ ତଥା ଶତାଧିକ ସଚେତନ ନାଗରିକ ଏହି ସମ୍ବେଦନଶୀଳ ବିଷୟ ପ୍ରତି ଦୃଷ୍ଟି ଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

# ଡାକଘରେ ଟଙ୍କା ଜମା, ଉଠାଣ ବାଧାପ୍ରାପ୍ତ

## ■ ଗ୍ରାହକ ହନ୍ତସନ୍ତ, ■ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି

କୁତ୍ରା, ୫।୫ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଧିନ କୁସୁମଡେଗି ଗ୍ରାମରେ ଥିବା ସବ୍ ପୋଷ୍ଟଅଫିସ (ଉପ ଡାକଘରେ) ଦୀର୍ଘ ଦିନ ହେବ ଡିଭାଇସ ଖରାପ ହୋଇଯାଇଛି। ଫଳରେ ଏହି ଡାକଘରେ ଟଙ୍କା ଜମା ଓ ଉଠାଣ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଲୋକେ ଦାବି କରିଛନ୍ତି। ଗ୍ରାମାଞ୍ଚଳରେ ଲୋକଙ୍କୁ ସୁବିଧାରେ ଟଙ୍କା ଜମା ଓ ଉଠାଣ ସାଙ୍ଗକୁ ଚିଠିପତ୍ର ଦିଆନିଆ ଭଳି ବିଭିନ୍ନ କାର୍ଯ୍ୟ ସୁବିଧାରେ ଯୋଗାଇଦେବା ପାଇଁ ସରକାର ମୁଖ୍ୟ ଡାକଘର ଓ ଗ୍ରାମାଞ୍ଚଳରେ ଉପ ଡାକଘର ଖୋଲିଛନ୍ତି। ହେଲେ ବିଭିନ୍ନ ସମୟରେ ଏହି ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ଉଦାସୀନତା ପାଇଁ ଗ୍ରାମାଞ୍ଚଳର ନିରୀହ ଜନତା ନାହିଁ ନ ଥିବା ଅସୁବିଧା ଭୋଗ କରିଥାନ୍ତି। ଏଭଳି ଏକ ଘଟଣା କୁସୁମଡେଗି ଗ୍ରାମରେ ଥିବା ଉପ ଡାକଘରେ ଦେଖିବାକୁ ମିଳିଛି। ଗତ ଏପ୍ରିଲ ୧୪ରୁ କୁସୁମଡେଗି ଉପ ଡାକଘରେ ପାସବହି ଖୋଲିଥିବା ଗ୍ରାମବାସୀ ଟଙ୍କା ଜମା କରିପାରୁ ନ ଥିବା ବେଳେ ଟଙ୍କା ଉଠାଣ ମଧ୍ୟ କରି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ରୋଗୀ, ଛାତ୍ରୀଛାତ୍ରଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି। ଏବେ ବିବାହ ସମୟ ଚାଲିଥିବାରୁ ଟଙ୍କା ଉଠାଣ ହୋଇପାରୁ ନ ଥିବାରୁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ଏବାବଦରେ କୁସୁମଡେଗି ଉପ ଡାକଘର ପୋଷ୍ଟମାଷ୍ଟରଙ୍କୁ ପଚାରିବାରୁ ଗତ ଏପ୍ରିଲ ୧୪ରୁ ଡାକଘର ଡିଭାଇସ ଖରାପ ହୋଇଯାଇଥିବାରୁ କାମ ହୋଇପାରୁନାହିଁ। ଟଙ୍କା ଜମା ତଥା ଟଙ୍କା ଉଠାଣ ହୋଇପାରୁ ନ ଥିବାବେଳେ ଚିଠିପତ୍ର ଦିଆନିଆ ମଧ୍ୟ କମ୍ପ୍ୟୁଟରରେ ଚଢ଼ା ଯାଇ ପାରୁ ନାହିଁ। ଫଳରେ ଗ୍ରାହକ ଟଙ୍କା ଜମା କିମ୍ବା ଉଠାଣ କରିପାରୁନାହିଁ। ଆରଡି ସ୍କିମ୍‌ରେ ଜମା କରିଥିବା ଲୋକଙ୍କୁ ଟଙ୍କା ଉଠାଣ ପାଇଁ ବାଧ୍ୟ ହୋଇ କୁତ୍ରା ଡାକଘରକୁ ପଠାଉଛୁଁ ବୋଲି କହିଥିଲେ। ୧୪ ଏପ୍ରିଲରୁ ଡିଭାଇସ ଖରାପ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାହିଁକି ଡିଭାଇସ ମରାମତି କରୁନାହାନ୍ତି ବୋଲି ପଚାରିବାରୁ ଆମେ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରୁଛୁ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଉତ୍ତର ଦେଇଥିଲେ। ଏବାବଦରେ ଡିଭାଇସ ମରାମତି ଦାୟୀତ୍ୱରେ ଥିବା ଇନ୍ସପେକ୍ଟର ଦୀପକ କୁମାରଙ୍କୁ ପଚାରିବାରୁ କୁସୁମଡେଗି ଉପ ଡାକଘର ଡିଭାଇସ ଖରାପ ଅଛି ବୋଲି କହିଥିଲେ। ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନଙ୍କୁ କହିଦିଅନ୍ତୁ କୁତ୍ରା ଡାକଘରକୁ ଆସି ଟଙ୍କା ଜମା ଓ ଉଠାଣ କରିବେ ବୋଲି ଦୀପକ କୁମାର ଉତ୍ତର ଦେଇଥିଲେ। ହେଲେ ଏତେ ଦିନ ହେଲା କାହିଁକି ଡିଭାଇସ ମରାମତି ହୋଇପାରିନାହିଁ ବୋଲି ପଚାରିବାରୁ ପ୍ରଶ୍ନକୁ ଏଡାଇ ଦେଇ ଏବେ ମୁଁ ଛୁଟିରେ ଅଛି। ଅନ୍ୟ କେହି ଦାୟୀତ୍ୱରେ ଥିବେ ପଚାରି ବୁଝିନିଅନ୍ତୁ ବୋଲି ଉତ୍ତର ଦେଇଥିଲେ। ଏଥିରୁ ଡାକବିଭାଗ କର୍ମଚାରୀ ଲୋକଙ୍କ ପାଇଁ କେତେ ତତ୍ପର ସହଜରେ ଅନୁମାନ କରାଯାଇପାରେ। ମରାମତି ବଦଳରେ ଲୋକଙ୍କୁ କୁସୁମଡେଗିଠାରୁ କୁତ୍ରା ଆସି ଟଙ୍କା ଉଠାଣ କିମ୍ବା ଜମା କରିବା ପରାମର୍ଶ କେତେ ଦୂର ଯଥାର୍ଥ ବିଭାଗୀୟ ଉଚ୍ଚ ଅଧିକାରୀ ବୁଝି ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ବେଲପାହାଡ଼,୫।୫(ଡି.ଏନ୍.ଏ.)

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବେଲପାହାଡ଼ ପୋଲିସ ରାମଭରସ ସିଂ (୩୫)ଙ୍କୁ ଗିରଫ ସହ ରବିବାର କୋର୍ଟଚାଲାଣ କରିଛି। ତାଙ୍କ ବିରୋଧରେ ଏକ ମାମଲା (ନଂ ୭୬/୨୦୧୯) ରୁଜୁ କରାଯାଇଛି। ନଳକୂପରୁ ପାଣି ନେବାକୁ କେନ୍ଦ୍ରକରି ଶୁକ୍ରବାର ପୂର୍ବାହ୍ନରେ ଜାମକାନି ଗାଁ ନିକଟ ଖଟାଲ ବସ୍ତି ହରିଓମ ନଗରରେ ରାଜେଶ ସିଂ ଓ ରାମଭରସଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାମଭରସ ପାଇପ ଯୋଗେ ଘରକୁ ପାଣି ନେଉଥିବା ସମୟରେ ରାଜେଶ ଅନ୍ୟ ଏକ ପାଇପ ଯୋଗେ ପାଣି ନେବାକୁ ଉଦ୍ୟମ କରିଥିଲେ। ଏଥିରେ ରାମଭରସ ଉତ୍ତ୍ୟକ୍ତ ହୋଇ ବାଡ଼ିରେ ରାଜେଶଙ୍କୁ ପ୍ରହାର କରିଥିଲେ। ରାଜେଶ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଟିଆର୍‌ଏଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

## କନିକା ବସଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ, ପରିସ୍ରାଗାର ଦାବି

ହେମଗିର, ୫।୫ (ଡି.ଏନ.ଏ)

ହେମଗିର ବ୍ଲକର ତିନୋଟି ପ୍ରମୁଖ ବ୍ୟବସାୟ କେନ୍ଦ୍ର ହେମଗିର, କନିକା ଓ ବିଲେଇମୁଣ୍ଡା ଥିବାବେଳେ ଏଥିରୁ ଅନ୍ୟତମ ବ୍ୟବସାୟ କେନ୍ଦ୍ର ଭାବେ କନିକା ପରିଚିତ। ଏଠାରେ ଏକ ରେଳଷ୍ଟେସନ ଥିବାବେଳେ ଏହା ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ସୀମାନ୍ତବର୍ତ୍ତି ସ୍ଥାନ। ଏହା ବ୍ୟତୀତ ହେମଗିର ବ୍ଲକ ଓ ଅନ୍ୟାନ୍ୟ ଗ୍ରାମରୁ ରେଳଯୋଗେ ଛତିଶଗଡ ରାଜ୍ୟର ରାୟଗଡ ସହରକୁ ଲୋକେ ବିଭିନ୍ନ ବ୍ୟବସାୟ ପାଇଁ ଯାତାୟତ କରିଥାନ୍ତି। କନିକା ଏକ ସହର ନ ହେଲେ ମଧ୍ୟ ବହୁ ଦିନରୁ ହେମଗିର ବ୍ଲକର ଅଧିକାଂଶ ଲୋକ ଏଠାକାର ଦୋକାନ ବଜାର ଉପରେ ନିର୍ଭର କରିଆସୁଛନ୍ତି। ଏଠାରେ ଥିବା ସାପ୍ତାହିକ ବଜାରକୁ ମଧ୍ୟ ଏଅଞ୍ଚଳର ଅଧିକାଂଶ ଚାଷୀ ନିଜ ଉତ୍ପାଦିତ ପନିପରିବା ବିକ୍ରୟ କରିବା ପାଇଁ ଆସିଥାନ୍ତି। ଏସବୁ ଦୃଷ୍ଟିରୁ ଏଠାରେ ଥିବା ବସଷ୍ଟାଣ୍ଡର ଗୁରୁତ୍ୱ ରହିଛି। ହେଲେ ଉନ୍ନତିକରଣ ଠିକ ଭାବେ ହୋଇପାରୁନାହିଁ। ଏଥିସହିତ ବସଷ୍ଟାଣ୍ଡରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ, ପୁରୁଷ ମହିଳାଙ୍କ ପାଇଁ ପରିସ୍ରାଗାର ନାହିଁ। ଅଧିକାଂଶ ସମୟରେ ମହିଳାମାନଙ୍କୁ ହଟହଟା ହେବାକୁ ପଡୁଛି। ତେଣୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଏଠାରେ ଏକ ପରିସ୍ରାଗାର ଓ ସରକାରଙ୍କ ତରଫରୁ ଏକ ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ଦାବି ହୋଇଛି।

## ଭଣ୍ଡାରିକା ମନ୍ଦିର ଉଦ୍‌ଘାଟନୀ ସମାରୋହ

ରାଉରକେଲା ଅଫିସ,୫।୫

ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ମା' ଭଣ୍ଡାରିକାଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହ ଗୁରୁବାରଠାରୁ ଆରମ୍ଭ ହୋଇଛି। ଷ୍ଟିଲ ସିଟିରେ ଏହା ହେଉଛି ମା' ଭଣ୍ଡାରିକାଙ୍କ ଦ୍ୱିତୀୟ ମନ୍ଦିର। ଗୁରୁବାର ଶ୍ରଦ୍ଧାଳୁଙ୍କୁ ନେଇ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶୁଭାଧିବାସ ଅବସରରେ ବିଭିନ୍ନ ପୂଜା କାର୍ଯ୍ୟାଦି ଉପଚାର ପାଠ କରାଯାଇଥିଲା। ଶୁକ୍ରବାର ଯଜ୍ଞାରମ୍ଭ ସହ ଗୋପୂଜା, ସ୍ତବ, ଚଣ୍ଡୀପାଠ ଓ ଘଟସ୍ଥାପନ କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିବା ଅନୁଷ୍ଠାନ ପକ୍ଷରୁ ସୁରେଶ ଜେନା ସୂଚନା ଦେଇଛନ୍ତି।

## କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ସମାରୋହର ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକ।

ବେଲପାହାଡ଼,୫।୫(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆର୍‌ଏଲ୍ ଷ୍ଟାଡ଼ିୟମରେ ରବିବାର ସକାଳେ କ୍ରିକେଟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ. ତାରାପଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ ଓ ଅଞ୍ଚଳର ଜଣାଶୁଣା ଖେଳାଳିମାନେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିଲେ। ଲିଓ କ୍ଲବ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହେଉଛି। ଏହା ଏକମାସ ଧରି ଚାଲିବ। ଶିବିରରେ କ୍ରିକେଟ ଖେଳାଳି କମଳେଶ ଶର୍ମା, ଆକାଶ ଯାଦବ ଓ ଅନ୍ୟ ଅଭିଜ୍ଞ ଖେଳାଳିମାନେ ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି।

## ସାହିତ୍ୟ ସଂସଦ ସଚିବଙ୍କ ବିୟୋଗରେ ଶୋକ




ଶୋକସଭାରେ ଯୋଗଦେଇଥିବା ସଂସଦ କର୍ମକର୍ତ୍ତା ଓ ଅତିଥି।

କୋଲାବିରା,୫।୫(ଡି.ଏନ୍.ଏ.)

ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ସଚିବ ରାହାସ ବିହାରୀ ସାହୁଙ୍କ ବିୟୋଗରେ ସଂସଦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସଂସଦର ଅସ୍ଥାୟୀ ଅଫିସରେ ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ସମାସିଂହା ସରପଞ୍ଚ ତୁଳାରାମ ସେନାପତି, ସ୍ୱରଝଙ୍କାର ସାହିତ୍ୟ ସଂସଦ ସଭାପତି ତୁଳେଶ୍ୱର ପଟେଲ, ସମ୍ପାଦକ ପିଙ୍କୁ ଦାସ, ସମଲେଶ୍ୱରୀ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର, ମୁଖ୍ୟ ସମ୍ପାଦକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ଆଇନଜୀବୀ ଧିରେନ୍ଦ୍ର କୁମାର ଶତପଥୀ, ଶିକ୍ଷକ ଲଳିନ୍ଦ୍ର ଗୋଖରା, ଶିକ୍ଷକ ଗଙ୍ଗାଧର ମହାଶୟ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରା, ବୀରେନ୍ଦ୍ର ମହାପାତ୍ର, ପଞ୍ଚାନନ ରଣା, ବିରଞ୍ଚି କୁମାର ପଟେଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସଂସଦ ପକ୍ଷରୁ ପରିବାରକୁ ଯଥାସମ୍ଭବ ସାହାଯ୍ୟ ଯୋଗାଇ ଦିଆଯିବାକୁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ସମାସିଂହା ଗ୍ରାମର ସ୍ୱର୍ଗତ ସାହୁଙ୍କର ଗୁରୁବାର କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଥିଲା।

### ଭୁଲ ସ୍ୱୀକାର ସହ ନରମିଲା ପ୍ରଶାସନ

## ଚିକିଟା ମାଟି ଉଠାଇବାକୁ ଦେଲେ ପ୍ରତିଶ୍ରୁତି

ବଡ଼ଗାଁ, ୫।୫ (ଡି.ଏନ.ଏ)

ଖେଳାଳିମାନେ ସରକାରୀ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧକରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିବା ଓ ଖେଳ ପଡିଆର ସମସ୍ୟା ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପ୍ରଶାସନ ନରମି ଯାଇଛି। ବଡ଼ଗାଁ ମିନି ଷ୍ଟାଡିୟମର ଏକ ତୃତୀୟାଂଶ ସ୍ଥାନରେ ଚିକିଟା ମାଟି ପକାଇବା ଭୁଲ ହୋଇଛି କହିବା ସହ ଚିକିଟା ମାଟି ଉଠାଇନେବାକୁ ପ୍ରତିଶ୍ରୁତି ଦେଇଛି। ବିଡିଓ ଡି. ଭୋଇ ଆମ ପ୍ରତିନିଧିଙ୍କ ସମ୍ମୁଖରେ ଜେଇଙ୍କୁ ସପ୍ତାହେ ମଧ୍ୟରେ ଚିକିଟା ମାଟି ଉଠାଇନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରିକେଟ ଟୁର୍ନାମେଣ୍ଟ କରି ଆସୁଥିବା କେତେକ ଯୁବକ କହିବାରୁ ପଡିଆର ବିସ୍ତୀର୍ଣ୍ଣ ସ୍ଥାନରେ ଚିକିଟା ମାଟି ପକାଯାଇଥିଲା ବୋଲି କାର୍ଯ୍ୟକୁ ଠିକାରେ କରୁଥିବା ରାଜୁ ଦାସ କହିଥିଲାବେଳେ ଜେଇ ରୂପଶ୍ରୀ ପଟେଲ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ପଡିଆର ଏକ ତୃତୀୟାଂଶ ସ୍ଥାନରେ ଚିକିଟା ମାଟି ପକାଇଲେ ଫୁଟବଲ, ହକି ଓ ଟ୍ରିକ ଇଭେଣ୍ଟ ହୋଇପାରିବ ନାହିଁ। ଏହା ଏକ ସାଧାରଣ କଥା। ଏହା ସତ୍ତ୍ୱେ ଜିଦରେ ପ୍ରଶାସନ ଅଟଳ ରହି ଜବରଦସ୍ତ କାର୍ଯ୍ୟ କରିବା ଓ ଆନ୍ଦୋଳନ ଚେତାବନୀ ପରେ ଚିକିଟା ମାଟି ଉଠାଇବାକୁ ପ୍ରତିଶ୍ରୁତି ଦେବା ଦେଖିଲେ ସରକାରୀ କର୍ମଚାରୀମାନେ ନିଜ ବିଚାର ବୁଦ୍ଧିରେ କାମ କରୁ ନ ଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଷ୍ଟାଡିୟମର ମଝିରେ କ୍ରିକେଟ ଖେଳ ପାଇଁ ଏକ ପିଚ୍ ଅଛି। ହେଲେ ଏହି ପିଚ୍‌କୁ ଚାରିପଟୁ ବିସ୍ତୀର୍ଣ୍ଣ କରାଯାଇଥିଲା । ଯଦ୍ୱାରା ଅନ୍ୟ ଖେଳ ପାଇଁ ପଡିଆ ଅନୁପଯୋଗୀ ହୋଇଯାଇଛି। ଏହି ପଡିଆ ବଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ନାମରେ ଅଛି। ଏଠାରେ ପଞ୍ଚାୟତ, ବ୍ଲକସ୍ତରୀୟ, ସ୍କୁଲ କ୍ରିଡା ପ୍ରତିଯୋଗିତା ହୋଇଥାଏ। ବୈଷୟିକ ଦୃଷ୍ଟିରୁ ପଡିଆର ବିସ୍ତୀର୍ଣ୍ଣ ସ୍ଥାନରେ ଚିକିଟା ମାଟି ଦେବା ଠିକ ହୋଇ ନ ଥିଲେ ମଧ୍ୟ କରାଯାଇଥିଲା। କ୍ରିକେଟ ଖେଳାଳିଙ୍କ ପାଇଁ ଥିବା ପୂର୍ବର ପିଚ୍‌କୁ କେହି ବିରୋଧ କରୁ ନ ଥିଲାବେଳେ କିପରି ଅନ୍ୟ ଖେଳ ହୋଇପାରିବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା କଥା। କିନ୍ତୁ କେତେକ ଟେକ ରକ୍ଷା ପାଇଁ ଜବରଦସ୍ତ ଏପରି କଲେ । ୨୫ ବର୍ଷ ପୂର୍ବେ ଏଲଏଣ୍ଡଟି ଦ୍ୱାରା ରାସ୍ତା ନିର୍ମାଣ ବେଳେ ଏହି ପଡିଆ ଖୋଳି ମୋରମ ନେବାରୁ ବିରାଟ ଗର୍ତ୍ତ ହୋଇଥିଲା। ଏହା ଜିଲାପାଳଙ୍କ ବିନା ଅନୁମତିରେ ସ୍ଥାନୀୟ ଦଲାଲଙ୍କ ଦ୍ୱାରା ଗାତ କରାଯାଉଥିଲା ବେଳେ ବ୍ଲକ, ଜିଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିଲେ। ଏହାକୁ ଖେଳାଳିମାନେ ବିରୋଧ କରିବାରୁ ବଡ଼ଗାଁର ଚିନ୍ତାମଣି ସାହୁ ଓ ଅଶୋକ ଷଡଙ୍ଗୀଙ୍କୁ ଥାନାରେ ଅଟକ ରଖାଯାଇଥିଲା। ତତ୍କାଳୀନ ସର୍କଲ ଇନ୍ସପେକ୍ଟର ଅବଦୁଲ ସତ୍ତାର ପ୍ରତ୍ୟକ୍ଷ ତଦନ୍ତ ପରେ ଯୁବକଦ୍ୱୟଙ୍କୁ ଛାଡିଦେଇ ଏଲଏଣ୍ଡଟି ଇଞ୍ଜିନିୟରମାନଙ୍କୁ ତୁରନ୍ତ ଖୋଳିଥିବା ଗାତରେ ମାଟି ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଖେଳାଳିମାନେ ତତ୍କାଳୀନ ଏମପି ମୋରିସ କୁଜୁରଙ୍କୁ ପଡିଆ ଦେଖାଇ ଅନୁଦାନ ଦେବାକୁ ଅନୁରୋଧ କରିବାରୁ ସେ ୩ଟି ପର୍ଯ୍ୟାୟରେ ଅନୁଦାନ ଦେଇଥିଲେ। ଷ୍ଟାଡିୟମର ଉନ୍ନତି ପାଇଁ ପ୍ରୟାସ କରାଯାଉଥିଲା ବେଳେ ସରକାରୀ କର୍ମଚାରୀମାନେ ଅନ୍ୟ ଲୋକଙ୍କ କଥାରେ ପଡି ଖରାପ କରିବା ଦୁର୍ଭାଗ୍ୟଜନକ । ଯାହାକି ଖେଳାଳିଙ୍କୁ କ୍ଷୁବ୍ଧ କରିଥିଲା । ପଡିଆରୁ ଚିକିଟା ମାଟି ଉଠାଇଦେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିବାରୁ ଖେଳାଳିମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

### ସହର ସେବା ସମିତି ପକ୍ଷରୁ ଆଲୋଚନାଚକ୍ର ସୌହାର୍ଦ୍ଦ୍ୟ ସନ୍ଧ୍ୟା

## ସହର ବିକାଶକୁ ପ୍ରାଥମିକତା ଦିଆଯିବ

ରାଉରକେଲା ଅଫିସ,୫।୫

ଇସ୍ପାତ ନଗରୀ ରାଉରକେଲାର ବିକାଶକୁ ପ୍ରାଥମିକତା ଦିଆଯିବ। ଏ ନେଇ ଉପଯୁକ୍ତ ନେତୃତ୍ୱ ଆବଶ୍ୟକ। ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସମର୍ଥନ ମଧ୍ୟ ଅପରିହାର୍ଯ୍ୟ ବୋଲି ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ପ୍ରମୁଖ ହୋଟେଲରେ ସହର ସେବା ସମିତି ପକ୍ଷରୁ ଆୟୋଜିତ ଆଲୋଚନାଚକ୍ର ସୌହାର୍ଦ୍ଦ୍ୟ ସନ୍ଧ୍ୟାରେ ମତ ପ୍ରକାଶ ପାଇଛି। ସମିତି ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଆବାହକ ଶୈଳେନ୍ଦ୍ର ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଉତ୍କଳ ବନ୍ଦନା ଗାନ କରାଯିବା ସହ ଏ ମାଟିର ସମ୍ମାନ, ବିକାଶ ବାର୍ତ୍ତା ନେଇ ସଂକଳ୍ପ ପାଠ ଓ ଭୂପୂଜନ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ଅଦ୍ୱୈତ ବିଶ୍ୱାଳ, ନାରାୟଣ ପ୍ରସାଦ ଦାସ ଓ ଡ. କିଶୋରୀ ଦାସଙ୍କ ସମେତ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀ ଉପସ୍ଥିତ ଥିଲେ। ରାଉରକେଲା ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସାରଦା ନାୟକ, ଭାଜପାର ନିହାର ରାୟ, କଂଗ୍ରେସର ବୀରେନ ସେନାପତିଙ୍କ ସମେତ ଲମ୍ବୋଦର ମହନ୍ତ, ବିଷ୍ଣୁଚରଣ ମହନ୍ତ, ମହମ୍ମଦ ରିଜୱାନ ରାହୀ, ପୀତବାସ ମିଶ୍ର ଓ ସୁରମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନରେ ଜିଣିଲେ ରାଉରକେଲାକୁ ଏକ ସମୃଦ୍ଧଶାଳୀ ସହରରେ ପରିଣତ କରାଯିବ ବୋଲି ପ୍ରାର୍ଥୀମାନେ ପ୍ରକାଶ କରିଥିଲେ। ଭାଜପା ପ୍ରାର୍ଥୀ ରାୟ ହୋଲ୍ଡିଂ ଟାକ୍ସ, ସର୍ବଶିକ୍ଷା, ବସ୍ତି ସମସ୍ୟା ଆଦି ପ୍ରସଙ୍ଗକୁ ଏଥିରେ ଜୋର ଦେଇ ଏହାର ସମାଧାନ ଆବଶ୍ୟକ ବୋଲି କହିଥିଲେ। କଂଗ୍ରେସ ପ୍ରାର୍ଥୀ ସେନାପତି ବେରୋଜଗାରୀ, ଶିକ୍ଷା, ସ୍ୱାସ୍ଥ୍ୟ, ବସ୍ତି ବାସିନ୍ଦାଙ୍କ ଥଇଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜେଡି ପ୍ରାର୍ଥୀ ନାୟକ ପାନୀୟ ଜଳ ସମସ୍ୟା, ସମସ୍ତଙ୍କ ପାଇଁ ବାସଗୃହ ସହ ଷ୍ଟିଲ ସିଟି ରାଉରକେଲାକୁ ପ୍ରତି କ୍ଷେତ୍ରରେ ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଆମ୍ ଆଦମୀ ପାର୍ଟିର ଲମ୍ବୋଦର ମହନ୍ତ କହିଥିଲେ ରାସ୍ତା, ବିଦ୍ୟୁତ ସମସ୍ୟା, ଶିକ୍ଷାର ଉତ୍ଥାନ ଓ ବେକାରୀ ଦୂରୀକରଣ ନିହାତି ଆବଶ୍ୟକ। ଏହାକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ସେ କହିଥିଲେ। ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ବିଷ୍ଣୁଚରଣ ମହନ୍ତ ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ନିଯୁକ୍ତି ଓ ବେକାରୀ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ମତ ଦେଇଥିଲେ। କୋଶଳ ଜନତା ଦଳ ନେତ୍ରୀ ସୁରମା ମିଶ୍ର କହିଥିଲେ, ପ୍ରଥମେ ସହରରେ ନିଶା କାରବାର ବନ୍ଦ କରାଯିବା ଆବଶ୍ୟକ। ପରେ ବିମାନ ସେବା, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ନେଇ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିଥିବା ପୀତବାସ ମିଶ୍ର କହିଥିଲେ ରାଉରକେଲାକୁ ଏକ ସ୍ୱତନ୍ତ୍ର ଜିଲା ମାନ୍ୟତା ସହ ମହାନଗର ନିର୍ବାଚନକୁ ପ୍ରାଥମିକତା ଦିଆଯିବା ଦରକାର। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ରିଜୱାନ ରାହୀ ରାସ୍ତାଘାଟ ବିକାଶ ଉପରେ ଧ୍ୟାନ ଦିଆଯିବା ଉଚିତ ବୋଲି କହିଥିଲେ। ନିର୍ବାଚନରେ ପରାଜିତ ହେଲେ ବି ରାଉରକେଲାର ବିକାଶ ପାଇଁ କାମ କରିବାକୁ ଉପସ୍ଥିତ ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରାର୍ଥିପତ୍ର ଦାଖଲ କରି ପରେ ପ୍ରତ୍ୟାହାର କରିଥିବା ମିନତୀ ଦେବତା କହିଥିଲେ, ପ୍ରଥମେ ଡ୍ରଗ୍ସ କାରବାର ରୋକାଯିବା ଆବଶ୍ୟକ। ଭାଜପା ନେତା ଧିରେନ ସେନାପତି ନିଜ ବକ୍ତବ୍ୟରେ ସ୍ୱେରେଜ ବୋର୍ଡ ଓ ରାସ୍ତା କାମକୁ ପ୍ରାଥମିକତା ଦେବା ସହ ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି କାମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଆଇନଜୀବୀ ନୃସିଂହ ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରତାପ ପାଢ଼ୀ କାର୍ଯ୍ୟକ୍ରମ ଖସଡ଼ା ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ମହାପାତ୍ର, ପ୍ରଫୁଲ୍ଲ ନାୟକ, ବିନୋଦ ରାୟ, ପୁରୁଷୋତ୍ତମ ଶର୍ମା, ଶ୍ରବଣ ପାରେଖ, ରାଜେନ୍ଦ୍ର ଅଗ୍ରୱାଲ, ରଧାରମଣ ମହାନ୍ତି, ଶ୍ରଦ୍ଧା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ମିନାକ୍ଷୀ ଧର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କବି କୁଞ୍ଜବିହାରୀ ରାଉତଙ୍କ କବିତା ମର୍ମସ୍ପର୍ଶୀ ହୋଇଥିଲା।

### ଲକ୍ଷ୍ୟ ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ କର୍ମଶାଳା

## ନୃତ୍ୟ ସଙ୍ଗୀତ ଜୀବନରେ ନୂତନ ରଙ୍ଗ ଆଣିଥାଏ

ରାଉରକେଲା ଅଫିସ,୫।୫

ଝିରପାଣିସ୍ଥିତ ଅଗ୍ରଣୀ ନୃତ୍ୟାନୁଷ୍ଠାନ ଲକ୍ଷ୍ୟ ଓଡ଼ିଶୀ ଏକାଡେମୀ ଆନୁକୂଲ୍ୟରେ ଏକ ନୃତ୍ୟ କର୍ମଶାଳା ଆୟୋଜନ କରାଯାଇଥିଲା। ଏହାକୁ ବିଶ୍ରା ଏବିଡିଓ ଶରତ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ନୃତ୍ୟ ସଙ୍ଗୀତ ଦ୍ୱାରା ମାନସିକ ଓ ଶାରୀରିକ ଶୁଦ୍ଧତା ଆସିଥାଏ। ଏହା ଜୀବନରେ ନୂତନ ରଙ୍ଗ ଆଣିଥାଏ। ଅନ୍ତର୍ନିହିତ ତଥା ଲୁକ୍କାୟିତ ପ୍ରତିଭା ବିକାଶରେ ଏହି କଳା ପଥପ୍ରଦର୍ଶନ କରିଥାଏ ବୋଲି ପ୍ରଧାନ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଏମ୍‌ଡି. ସୁଲତାନ ଖାନ କହିଥିଲେ, ନୃତ୍ୟ ଶିକ୍ଷା ହେଉଛି ଏକ ଉତ୍ତମ କଳା। ଏହାକୁ ଆୟତ୍ତ କରି ଅନ୍ୟମାନଙ୍କ ମନକୁ ହାଲୁକା କରୁଥିବା କଳାକାର ହିଁ ବାସ୍ତବରେ ଧନ୍ୟବାଦର ପାତ୍ର। ଏ ଦିଗରେ ସାମାଜିକ ସମର୍ଥନ ରହିଲେ ବହୁ ପ୍ରତିଭା ନିଜ ମାଟିର ସୁନାମ ରଖିବେ ବୋଲି ସୁଲତାନ ମତ ପ୍ରକାଶ କରିଥିଲେ। ଏଥିରେ ଏକାଡେମୀ ସମ୍ପାଦିକା ଝୁନୁ ପୃଷ୍ଟି, ମୁନମୁନ ପୃଷ୍ଟିଙ୍କ ସମେତ କର୍ମଶାଳାରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ।




ଲକ୍ଷ୍ୟ ଓଡ଼ିଶୀ ଏକାଡେମୀ ପକ୍ଷରୁ ଆୟୋଜିତ ନୃତ୍ୟ କର୍ମଶାଳାରେ ମଞ୍ଚରେ ଉପସ୍ଥିତ ଅତିଥି ଓ କଳାକାର।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ ।

- କାର୍ଲାଇଲ

## ସଂକ୍ଷେପରେ

### ସହର ରାସ୍ତା ପାଲଟିଛି ମରଣଯନ୍ତା

**ବରପାଲି, ୫।୫ (ଡି.ଏନ.ଏ):** ବରପାଲି ଏନଏସି ଅଞ୍ଚଳର ରାସ୍ତାଘାଟ ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ତଥା ଉଦାସୀନତା ଯୋଗୁ ବିଭିନ୍ନ ୱାର୍ଡ ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଦୀର୍ଘଦିନ ହେଲା ସହରର ମୁଖ୍ୟରାସ୍ତା ଛକରେ ଆବର୍ଜନା ଗଦା ହୋଇ ରହିବା ଓ ରାସ୍ତାରେ ଡ୍ରେନ ପାଣି ପ୍ରବାହିତ ହେଉଥିବାରୁ ରାସ୍ତାଘାଟ ଅବସ୍ଥା ଭଲ ନାହିଁ । କୁଲିପଡା ଛକ ରାସ୍ତା ଖାଲଢ଼ିପରେ ପରିଣତ ହୋଇଛି। ସାଧାରଣ ନିର୍ବାଚନ ପୂର୍ବରୁ ସହରର ଅନେକ ଅନାବଶ୍ୟକ ରାସ୍ତାଘାଟ ନିର୍ମାଣ କରାଯାଇଥିବା ବେଳେ ତାହା ନିମ୍ନମାନର ବୋଲି ଅଭିଯୋଗ ହେଉଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

### କ୍ରିକେଟ ମ୍ୟାଚ: ଦେଉଳି ବିଜୟୀ

**ପଦ୍ମପୁର, ୫।୫ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ଦେଉଳି ଗ୍ରାମରେ ଦେଉଳି ଏକାଦଶ ବନାମ ଶିକ୍ଷକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି । ଶିକ୍ଷକ ଏକାଦଶ ୮ ଓଭରରେ ୬୫ ରନ କରିଥିବା ବେଳେ ଦେଉଳି ଏକାଦଶ ୭ ଓଭରରେ ୬୬ ରନ କରି ବିଜୟୀ ହୋଇଥିଲା। କୁନାଲ ସିଦାର ସର୍ବାଧିକ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ମ୍ୟାଚକୁ ସୁବ୍ରତ ଭୋଇ ଓ ବିକାଶ କୈବର୍ତ୍ତ ପରିଚାଳନା କରିଥିବା ବେଳେ ରୂପକ ସାହୁ ଓ ଦୀପକ ସାହୁ ସ୍କୋରର ଥିଲେ । ପୁରସ୍କାର ବିତରଣୀ ସଭାରେ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜୟୀ ଦେଉଳି ଦଳ ଓ ଉପବିଜେତା ଶିକ୍ଷକ ଏକାଦଶଙ୍କୁ ପୁରସ୍କୃତ କରିଥିଲେ । ମୋହନ ଭୋଇ ଧନ୍ୟବାଦ ଦେଇଥିଲେ ।

### ଶାନ୍ତି ନଗରରେ ରାମାୟଣ ପାରାୟଣ

**ପଦ୍ମପୁର, ୫।୫ (ଡି.ଏନ.ଏ):** ପଦ୍ମପୁର ଶାନ୍ତିନଗରରେ ରାମାୟଣ ପାରାୟଣ ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ । ୬ରୁ ୧୪ ତାରିଖ ୯ ଦିନ ବ୍ୟାପ ହେବାକୁ ଥିବା ଏହି ପାରାୟଣର ବିଭିନ୍ନ ଦିନରେ ରାମାୟଣର ବିଭିନ୍ନ କଥାବସ୍ତୁ ସ୍ଥାନ ପାଇବ । ଶାନ୍ତିନଗର ରାଧେଶ୍ୟାମ ମହିଳା ମଣ୍ଡଳର ସହଯୋଗରେ ହେଉଥିବା ଏହି ପାରାୟଣରେ ପ୍ରବଚକ ଭାବେ କୁମୁଣ୍ଡେ ନିବାସୀ ପ୍ରବଚକ ଇପ୍‌ସିତ ମିଶ୍ର ଓ ତାଙ୍କ ସହକର୍ମୀ ଭାଗ ନେଇଛନ୍ତି ।

### ସରକାରୀ ବସ୍ ଚଳାଚଳ ଦାବି

**ପଦ୍ମପୁର, ୫।୫ (ଡି.ଏନ.ଏ):** ପଦ୍ମପୁର ବସ୍ କର୍ମଚାରୀ ସଂଘର ଦୀର୍ଘ ଦିନ ଆନ୍ଦୋଳନ ଯୋଗୁ ଏଠାରୁ ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଏପରିକି ପଦ୍ମପୁର-ଭୁବନେଶ୍ୱର ବସ୍‌କୁ ବନ୍ଦ କରି ଦିଆଯାଇଛି। ଫଳରେ ଅଞ୍ଚଳର ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି । ଅନ୍ୟପକ୍ଷରେ ପଦ୍ମପୁରରୁ ରାୟପୁର ଓ ପଦ୍ମପୁରରୁ ବିଶାଖାପାଟଣା ବସ୍ ଚଳାଚଳ ପାଇଁ ବିଭାଗ ତରଫରୁ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ଚଳାଚଳ କରି ପାରିନାହିଁ । ଏଣୁ ତୁରନ୍ତ ପଦ୍ମପୁରରୁ ଭୁବନେଶ୍ୱର, ରାୟପୁର ଓ ବିଶାଖାପାଟଣା ବସ୍ ଚଳାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



ବରଗଡ଼ ଜିଲା ସିନ୍ଦୁରବାହାଲରେ ଚାଷୀ ଧାନ ଅମଳ କରୁଛନ୍ତି ।

# ଟଳିନି ବର୍ଷା ଭୟ, ଚିନ୍ତାରେ ଚାଷୀ

- ମେଘୁଆ ପାଗକୁ ଝିପିଝିପି ବର୍ଷା
- ଧାନ ସୁରକ୍ଷିତ ପାଇଁ ସ୍ଥାନାଭାବ
- ଫସଲରେ ରୋଗପୋକ ଆଶଙ୍କା
- ମାଟିଆଗୁଣ୍ଡି ପୋକ ନେଇ ଡର

**ବରଗଡ଼ ଅଫିସ୍,୫।୫**

ବାତ୍ୟା ଫନୀ ଯୋଗୁ ଶୁକ୍ରବାର ରାଜ୍ୟର ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଅନ୍ୟପଟେ ବରଗଡ଼ ଜିଲାରେ ଏହାର ସେଭଳି କିଛି ପ୍ରଭାବ ପରିଲକ୍ଷିତ ହୋଇନାହିଁ । ଜୀବନଯାତ୍ରା ସ୍ୱାଭାବିକ ରହିଛି । ମାତ୍ର ଶୁକ୍ରବାର ଭଳି ରବିବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିବା ସହିତ ବେଳେବେଳେ ଝିପିଝିପି ବର୍ଷା ହେଉଛି । ଫଳରେ ଆଗକୁ ଅଧିକ ବର୍ଷା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇ ହେଉନାହିଁ । ଏଭଳି ଆଶଙ୍କାରେ ମୁଖ୍ୟତଃ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।

ବରଗଡ଼ ଜିଲାରେ ଗତ ପ୍ରାୟ ସପ୍ତାହେ ତଳୁ ରବିରବୁ ଧାନ ଅମଳ କାର୍ଯ୍ୟ ଆରମ୍ଭ ହୋଇଛି । ଏବେ ଏହି ପ୍ରକ୍ରିୟା ଜୋର ଧରିଛି । ଚାଷୀମାନେ କ୍ଷେତ ଓ ଖଳାରେ ଧାନ ଅମଳ କରିବାରେ ଲାଗି ପଡ଼ିଛନ୍ତି । କିନ୍ତୁ ଶୁକ୍ରବାର ମେଘୁଆ ପାଗ ସେଥିରେ ବାଧକ ସାଜିଛି । ବର୍ଷା ଆଶଙ୍କାରେ ଚାଷୀମାନେ ଧାନ ଅମଳ କାର୍ଯ୍ୟକୁ ଆଗେଇ ପାରୁ ନାହାନ୍ତି । ଅନ୍ୟପଟେ ଏପର୍ଯ୍ୟନ୍ତ ଜିଲାରେ ଧାନ ମଣ୍ଡି ମଧ୍ୟ ଖୋଲି ନାହିଁ । ଫଳରେ ଧାନ ଅମଳ କଲେ ସୁଦ୍ଧା ତାହା ସୁରକ୍ଷିତ ରଖିବା ପାଇଁ ଚାଷୀଙ୍କ ପାଖରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ । କ୍ଷେତ ଓ ଖଳାରେ ଚାଷୀମାନେ ଅମଳ ଧାନକୁ ପଲିଥିନ ଏବଂ ପାଳରେ ଘୋଡ଼ାଇ ରଖିଥିବା ଦେଖିବାକୁ ମିଳୁଛି ।

ଆସନ୍ତା ୮ତାରିଖରେ ଜିଲାରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତିକ୍ରମେ ଜିଲାର ଅତାବିରା, ବରଗଡ଼ ଓ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ସମୁଦାୟ ୧୧୭ଟି ମଣ୍ଡି ଖୋଲିବ । ମଣ୍ଡି ଖୋଲିବା ପରେ ଅମଳ ଧାନ ସୁରକ୍ଷିତ ରଖିବା ପାଇଁ ଚାଷୀଙ୍କୁ କିଛି ଜାଗା ମିଳିବ । ହେଲେ ମଣ୍ଡି ଖୋଲିବାକୁ ଆହୁରି ୫ ଦିନ ବାକି ରହିଛି । ଫଳରେ ଏବେ ଚାଷୀଙ୍କୁ ଅମଳ ଧାନର ସୁରକ୍ଷା ଚିନ୍ତା ଘାରିଛି । ସେହିପରି କ୍ଷେତରେ ପାଚିଲା ଧାନ ଥିବା ଯୋଗୁ ମାତ୍ରାଧିକ ବର୍ଷାହେଲେ ତାହା ମଧ୍ୟ ନଷ୍ଟ ହେବା ସମ୍ଭାବନା ରହିଛି । ଏଭଳି ସ୍ଥିତିରେ ଜିଲାର ଚାଷୀଙ୍କ ମାନସିକ ସ୍ଥିତି ଦୋହଲି ପଡ଼ିଛି ।

ମରୁଡ଼ି, ସ୍ୱଳ୍ପ ବୃଷ୍ଟିପାତ, ରୋଗପୋକ ଉପଦ୍ରବ, ବର୍ଷା ବିପ୍ୟାତ ଯୋଗୁ କ୍ରମାଗତ ଫସଲକ୍ଷତି ସହି ଆସୁଥିବା ଯୋଗୁ ବାତ୍ୟା ଫନୀର ପରବର୍ତ୍ତୀ ପ୍ରଭାବ ଏବେ ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି । ଆକାଶ ମେଘାଚ୍ଛନ୍ନ ଥିବାବେଳେ ଥଣ୍ଡା ପବନ ବହୁଥିବା ଯୋଗୁ କୌଣସି ମୁହୂର୍ତ୍ତରେ ବର୍ଷା ହେବା ଆଶଙ୍କା ଦେଖାଯାଇଛି। ସେହିପରି ମେଘୁଆ ପାଗ ଲାଗି ରହିଲେ ନାନା ରୋଗପୋକ ଉପଦ୍ରବ ହୋଇ କ୍ଷେତରେ ରହିଥିବା ଧାନ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀକୁଳ ଚିନ୍ତିତ ହୋଇ ପଡ଼ିଛନ୍ତି । ବରଗଡ଼ ଗୋବିନ୍ଦପାଲିର ଜଣେ ଚାଷୀ ଲକ୍ଷ୍ମଣ ପ୍ରଧାନ କହିଛନ୍ତି, ଏଥର ଧାନ ଫସଲ ଭଲ ହୋଇଛି । କିନ୍ତୁ ବର୍ଷା ହେଲେ ପାଚିଲା ଧାନ ଝଡ଼ିଯିବ । ସେହିପରି ମେଘୁଆ ପାଗ ଯୋଗୁ ରୋଗପୋକ ଲାଗି ଫସଲକ୍ଷତି ହେବ । ସେହିପରି ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀ କହିଛନ୍ତି, ଜିଲାରେ ଫନୀର କୌଣସି ପ୍ରଭାବ ପଡ଼ିନାହିଁ । ମେଘୁଆ ପାଗ ଲାଗି ରହିଲେ ମାଟିଆ ଗୁଣ୍ଡି ପୋକ (ଚକଡ଼ା) ଧାନ ଫସଲରେ ଉପଦ୍ରବ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ଫସଲରେ ସେଭଳି ରୋଗପୋକ ଉପଦ୍ରବ ହୁଏ, ବାହାର ବଜାରରୁ ଔଷଧ ନ କିଣି ପ୍ରତି ବ୍ଲକ କୃଷି କାର୍ଯ୍ୟାଳୟରେ ମହଜୁଦ ରହିଥିବା ଉଦ୍ଦିଷ୍ଟ ପ୍ରାମାଣିକ ଔଷଧକୁ ୫୦ ପ୍ରତିଶତ ରିହାତିରେ କିଣି ତାକୁ ଫସଲରେ ପ୍ରୟୋଗ କରିବା ପାଇଁ ସେ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି ।

■ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ

# ଶେଷ ହୋଇପାରୁନି ଜମି ଅଧିଗ୍ରହଣ

**ବୌଦ୍ଧ,୫।୫(ସ୍ୱ.ପ୍ର)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପର କାର୍ଯ୍ୟ ବୌଦ୍ଧ ଜିଲାରେ ମନ୍ଥରଗତିରେ ଚାଲିଛି । ବୌଦ୍ଧ ଜିଲାରେ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇଥିବା କୁହାଯାଉଛି । ଏହି ପ୍ରକଳ୍ପ କାମ ନୟାଗଡ ଜିଲା ପର୍ଯ୍ୟନ୍ତ ଶେଷ ହୋଇ ରେଳ ଚଳାଚଳା ହୋଇସାରିଥିବା ବେଳେ ବୌଦ୍ଧ ଜିଲାବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି ।

ଏହି ରେଳପଥ ବୌଦ୍ଧ ଜିଲାରେ ସର୍ବାଧିକ ୧୧୦ କିମି ଥିବାବେଳେ ଏଥିପାଇଁ ୩୦୬୭.୦୭୫ ଏକର ଜମିର ଆବଶ୍ୟକତା ରହିଛି । ସେଥିମଧ୍ୟରୁ ୧୦୨ଟି ଗ୍ରାମର ୨୧୫୮.୬୫୫ ଏକର ରୟତି ଜମି ରହିଥିବାବେଳେ ୯୦୮.୪୨୦ ଏକର ସରକାରୀ ଜମି ରହିଥିବା ଜଣାପଡିଛି । ବୌଦ୍ଧ ଜିଲାରେ ଜମି ଅଧିଗ୍ରହଣ କ୍ଷେତ୍ରରେ ସଠିକ ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢିପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଗତବର୍ଷ ରେଳ ବଜେଟରେ କେନ୍ଦ୍ର ସରକାର ଏଥିପାଇଁ ୭୦୦କୋଟି ଟଙ୍କା ଅନୁମୋଦନ କରିଥିବାବେଳେ ରାଜ୍ୟ ସରକାର ୫୦ପ୍ରତିଶତ ଅର୍ଥ ଓ ମାଗଣାରେ ଜମି ଯୋଗାଇଦେବା ପାଇଁ ଘୋଷଣା କରି ସାରିଛନ୍ତି । ଏହି ପ୍ରକଳ୍ପ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦୁଇଟି ଦଫାରେ ପ୍ରାୟ ୭୮୦ ଏକର ସରକାରୀ ଜମି ରେଳ ବିଭାଗକୁ ହସ୍ତାନ୍ତର ସାରିଲାଣି। ନବକୃଷ୍ଣ ଚୌଧୁରୀ ବିକାଶ ସଂସ୍ଥା ୧୦୨ଟି ଗ୍ରାମରେ ସାମାଜିକ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିଭାଗକୁ ରିପୋର୍ଟ ହସ୍ତାନ୍ତର କରିଥିବା ଜଣାପଡିଛି । ବର୍ତ୍ତମାନ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରିତା ଦାୟିତ୍ୱ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ହାତରେ ରହିଥିବା ବେଳେ କର୍ମଚାରୀ ଅଭାବରୁ କାର୍ଯ୍ୟର ଅଗ୍ରଗତି ଘଟୁନାହିଁ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏହି କାର୍ଯ୍ୟାଳୟ ପାଇଁ ୨୦ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ମାତ୍ର ୬ଜଣରେ କାମ ଚାଲିଥିବା ଜଣାପଡିଛି । ବିଭାଗ ପକ୍ଷରୁ ବାରମ୍ବାର ପଦବୀ ପାଇଁ ପତ୍ର ଲେଖାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୂରଣ କରାଯାଇନାହିଁ । ୨୦୨୧ ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସମୟସୀମା ଧାର୍ଯ୍ୟ ରହିଥିବା ବେଳେ ବର୍ତ୍ତମାନର ରିପୋର୍ଟ ଅନୁଯାୟୀ ୨୦୨୩ ମସିହା ବେଳକୁ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ୧୦୨ଟି ଗ୍ରାମରୁ ୫୬ଟି ଗ୍ରାମର ୭୦୨ଏକର ଜମିର ମୂଲ୍ୟାୟନ କରିବା ପାଇଁ ଚୂଡାନ୍ତ ହୋଇଥିବା ବେଳେ କର୍ମଚାରୀ ଅଭାବରୁ କାର୍ଯ୍ୟ ଠପ୍ ହୋଇଯାଇଛି । ହସ୍ତାନ୍ତର ହୋଇସାରିଥିବା ସରକାରୀ ଜମିରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ଦାବି ହେଉଥିବାବେଳେ ରେଳ ବିଭାଗର ଅଧିକାରୀ କିନ୍ତୁ ସମ୍ପୂର୍ଣ୍ଣ ଜମି ହସ୍ତାନ୍ତର ପରେ ଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ପଷ୍ଟ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବା ଯୋଗୁ ଏହାର ଅଟକଳ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରିନାହିଁ । ଜିଲାରେ ତୁରନ୍ତ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସାଧାରଣରେ ଦାବି ହେଉଛି ।



ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଚାଲିଛି ।

## ୧୩ରୁ ବୈଶାଖ ମେଳା, ପ୍ରସ୍ତୁତି ଚୂଡାନ୍ତ

**ପାଇକମାଳ,୫।୫ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳର ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମ ଉତ୍ସବ ତଥା ବୈଶାଖ ମେଳା ଆସନ୍ତା ୧୩ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଉପଲକ୍ଷେ ପଦ୍ମପୁର ଉପ ଜିଲାପାଳ ତନ୍ମୟ କୁମାର ଦରୁଆନଙ୍କ ଅଧ୍ୟକ୍ଷତାରେ ଭୋଗ ମଣ୍ଡପ ଠାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି । ମନ୍ଦିର ଟ୍ରଷ୍ଟି ତଥା ବିଡିଓ ସଦାଶିବ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମେଳା ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଉପଖଣ୍ଡ ସୂଚନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ମେଳା ପାଇଁ ରାସ୍ତାଘାଟ ସଫେଇ, ଭକ୍ତମାନଙ୍କ ବୀମା, ସାଂସ୍କୃତିକ କାର୍ଯ୍ୟକ୍ରମ, ହାସ୍ୟକବି ସମ୍ମିଳନୀ, ମୃଷିକ ଦୈତ୍ୟ ମୁକ୍ତମଞ୍ଚ ପରିବେଷଣ କାର୍ଯ୍ୟକ୍ରମ ରହିଛି । ପାନୀୟ ଜଳ, ସ୍ୱାସ୍ଥ୍ୟ, ନିରନ୍ତର ବିଦ୍ୟୁତ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ସହ ବିଶେଷ କରି ଅବକାରୀ ଦ୍ରବ୍ୟ ମେଳା ବିକ୍ରି ଉପରେ କଟକଣା କରାଯାଇଛି। ଟ୍ରାଫିକ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଛି । ଚଳିତ ବର୍ଷ ରାମଚଣ୍ଡୀ ମନ୍ଦିର ସାମ୍ନାରେ ବାଇକ୍ ଷ୍ଟାଣ୍ଡ ଓ ଆୟୁର୍ବେଦିକ କଲେଜ ସାମ୍ନାରେ ଚାରିଚକିଆ ଯାନ ରହିବା ବ୍ୟବସ୍ଥା କରାଯାଇଛି। ବିପିନ ବାଗ, ପ୍ରମିଳା ଅଗ୍ରୱାଲ, ଚିତ୍ତରଞ୍ଜନ ସରାପ, ଦେବେନ୍ଦ୍ର ସାହୁ, ବଡ ସତପଥୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ହିତାଧିକାରୀଙ୍କର ପାସେ ପୁହୁଁଚିଲା ପରଶାସନ

**ଅତାବିରା, ୫।୫ (ଡି.ଏନ.ଏ)**

ଗଲା ଏପ୍ରିଲ ୨୮ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ୨ଟା ପରିବାର ଉପରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଇ ପରିବାରମାନକର ଉପରେ ପରଶାସନର ଦୁରୁଷ୍ଟି ପଡ଼ିଛେ। ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କର ନିରଦେଶ ଆର ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କର ଦେଖିରେଖିରେ ବ୍ଲକ ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁ, ଟାମ୍ପରସରା ପଁଚେତ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ସାଗରିଆ ଅଏଁଲାପାଲି ଆର ଝୁପଡ଼ିପଡ଼ାରେ ପୁହୁଁଚି ଥିଲେ। ସେଠାନେ ବିହାରୀ ଗୁରୁ ଆର ତାକର ମାଏକିନା ରାଧା ଗୁରୁଙ୍କ ଭେଟି ତାକର ବୟାନ ରେକର୍ଡ କରିଥିଲେ। ପଛେ ଝୁପଡ଼ିପଡ଼ାର ଜଗବନ୍ଧୁ ସିଦ୍ଧାରଙ୍କର ପରିବାର ଲୁକ୍‌କୁ ଭେଟି ଧରିତ୍ରୀରେ ପରକାଶ ପାଇଥିବାର ଖବରକେ ଆଧାର କରି ବୟାନ ରେକର୍ଡ କରିଥିଲେ। ଇ ଦୁଇ ପରିବାରକର ବାବ୍‌ଦେ ପରଶାସନ ତଦଁତ୍ କରିଛେ। ତଦଁତ୍ ରିପୋର୍ଟର ଗୁଟେ ନକଲ ଅତାବିରା ବିଡିଓକୁ ଦିଆଯିବା ଆର ଗୁଟେ ବରଗଡ଼ ଜିଲାପାଳଙ୍କର ପାସକେ ପଠାଯିବା ବଲି ତଦଁତ୍ ଅଧିକାରୀ ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁ କହିଥିଲେ।

## ଗ୍ରାହକଙ୍କ ନିର୍ଭରଯୋଗ୍ୟ ଗହଣା ପ୍ରତିଷ୍ଠାନ କଳାମନ୍ଦିର

**ବରଗଡ଼ ଅଫିସ୍,୫।୫**

ବରଗଡ଼ ସହରର କେନ୍ଦ୍ରସ୍ଥଳୀ ଥାନା ଛକରେ ରହିଛି ନିର୍ଭରଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ କଳାମନ୍ଦିର । ୨୦୦୬ ମସିହାରୁ ସ୍ଥାପିତ ଏହି ପ୍ରତିଷ୍ଠାନ ଉତ୍ତମ ସେବା ଯୋଗାଇ ପଶ୍ଚିମଓଡ଼ିଶା ଗ୍ରାହକମାନଙ୍କର ପ୍ରିୟଭାଜନ ହୋଇପାରିଛି। ବରଗଡ଼ର ସଫଳ ଉଦ୍ୟୋଗପତି ସ୍ୱର୍ଗତ ସୁରେଶ କୁମାର ସାୱଡ଼ିଆ ଅଞ୍ଚଳବାସୀଙ୍କ ଚାହିଦାକୁ ପୂରଣ କରିବା ପାଇଁ ୧୩ବର୍ଷ ତଳେ ଆରମ୍ଭ କରିଥିଲେ ଏହି ପ୍ରତିଷ୍ଠାନ। ଉଦ୍ୟୋଗପତି ସ୍ୱର୍ଗତ ସାୱଡ଼ିଆଙ୍କ ଦେହାନ୍ତ ପରେ ତାଙ୍କ ଭାଇ ରମେଶ ଏବଂ ୨ ପୁଅ ରାଜେଶ ଓ ଅମିତ ଏହି ବ୍ୟବସାୟକୁ ଆଗେଇ ନେଉଛନ୍ତି। ପଶ୍ଚିମାଞ୍ଚଳ ଗ୍ରାହକମାନଙ୍କୁ ନିର୍ଭରଯୋଗ୍ୟ ହଲ୍‌ମାର୍କ ସୁନାଗହଣା ଓ ବିଆଇଏସ୍ ଯୁକ୍ତ ରୂପା ଗହଣା ଯୋଗାଇବାରେ ଏହି ପ୍ରତିଷ୍ଠାନ ସର୍ବପ୍ରଥମ ଏବଂ ଏପର୍ଯ୍ୟନ୍ତ ଏଭଳି ସୁନା, ରୂପା ଅଳଙ୍କାର ଯୋଗାଇ ଆସୁଥିବା ଯୋଗୁ କଳାମନ୍ଦିର ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି। ସେହିପରି ଏଠାରେ ଉପଲବ୍ଧ ସୁନା, ରୂପା ଗହଣାର ମାନ ନିରୂପଣ ପାଇଁ ଏହି ଅଳଙ୍କାର ପ୍ରତିଷ୍ଠାନ ନିକଟ ଅତୀତରେ ଦୋକାନରେ କେରୋଟୋମିଟର ସ୍ଥାପନ କରିଛି, ଯାହାକି ଏଠାରେ ପ୍ରଥମ ଅଟେ ।

କଳାମନ୍ଦିରରେ ଅଳଙ୍କାରଗୁଡ଼ିକ ରାଜକୋଟ, ମୁମ୍ବାଇ, ଅହମଦାବାଦ, କଲିକତା, କୋଏମ୍ବାଟୁରରୁ ଆସିଥିବା ବେଳେ ସିଙ୍ଗାପୁର, ଦୁବାଇ, ଇଟାଲୀ, ହଂକଂ ଭଳି ବିଦେଶୀ ଡିଜାଇନ୍‌ର ଅଟେ । ସ୍ୱତନ୍ତ୍ର ରିହାତି ଏବଂ ଆକର୍ଷଣୀୟ ଅଳଙ୍କାର ପାଇଁ ବିବାହ, ବ୍ରତ, ଧନତେରସ, ଦୀପାବଳି, ଅକ୍ଷୟ ତୃତୀୟା ଆଦି ଉତ୍ସବ ସମୟରେ କଳାମନ୍ଦିର ଗ୍ରାହକଙ୍କ ପ୍ରଥମ ପସନ୍ଦ । ଏଥର ଅକ୍ଷୟ ତୃତୀୟା ଅବସରରେ ଏଠାରେ ଅଳଙ୍କାର ନିର୍ମାଣ ଖର୍ଚ୍ଚରେ ୫୦ପ୍ରତିଶତ ରିହାତି ଭଳି ବଡ଼ ଆକର୍ଷଣୀୟ ଅଫର ରହିଛି। ଆସନ୍ତା ୮ଦିନ ପର୍ଯ୍ୟନ୍ତ ଏହି ଅଫର ଥିବାରୁ ନିୟମିତ ଦୋକାନରେ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହେଉଛି ।



ବରଗଡ଼ ସହର ଥାନାଛକରେ ରହିଥିବା ସୁନା ଗହଣା ପ୍ରତିଷ୍ଠାନ କଳାମନ୍ଦିର ।



“ ବଡ଼ଭାଇ ସ୍ୱର୍ଗତ ସୁରେଶ ସାୱଡ଼ିଆ ଆରମ୍ଭ କରିଥିବା ଏହି ଗହଣା ପ୍ରତିଷ୍ଠାନ ଆଜି ପର୍ଯ୍ୟନ୍ତ ଗ୍ରାହକଙ୍କ ମନମୁତାବକ ନୂଆ ଓ ଆଧୁନିକ ଡିଜାଇନ, ଶୁଦ୍ଧ ହଲ୍‌ମାର୍କ ସୁନା ଗହଣା ଯୋଗାଇ ଆସୁଛି । ଏହି ପ୍ରତିଷ୍ଠାନ ପ୍ରତି ଗ୍ରାହକଙ୍କ ନିରନ୍ତର ବିଶ୍ୱାସ ହିଁ ଆମର ସଫଳତା । ଆମେ ଗ୍ରାହକମାନଙ୍କର ମନ ପସନ୍ଦକୁ ବୁଝିଥାଉ । ତେଣୁ ଗ୍ରାହକମାନେ ଏହି ପ୍ରତିଷ୍ଠାନକୁ ପାରିବାରିକ ଗହଣା ପ୍ରତିଷ୍ଠାନ ଭାବେ ବିଚାର କରନ୍ତି ।

**-ରମେଶ ସାୱଡ଼ିଆ, ଦୋକାନ ମାଲିକ**



ଅତିଥିମାନେ ଶିଶୁ ସାହିତ୍ୟ ପତ୍ରିକା ସୁବର୍ଣ୍ଣଦୀପକୁ ଲୋକାର୍ପଣ କରୁଛନ୍ତି ।

## ସୁବର୍ଣ୍ଣଦୀପ ଲୋକାର୍ପଣ ସମାରୋହ

**ବରଗଡ଼ ଅଫିସ୍,୫।୫**

ଶିଶୁ ଓ କିଶୋର ପତ୍ରିକା ସୁବର୍ଣ୍ଣଦୀପର ୨୫ତମ ବର୍ଷର ପ୍ରଥମ ସଂଖ୍ୟା ଗୁରୁବାର ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଛି । ଉକ୍ତ ସମାରୋହରେ ଡଃ ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ମେଘନାଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । କିଶୋର ଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ପତ୍ରିକାର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଶିଶୁ କିଶୋର ପତ୍ରିକାରେ ପିଲାଙ୍କ ଲେଖାକୁ ଗୁରୁତ୍ୱ, ଶିଶୁ ସାହିତ୍ୟିକଙ୍କ ଲେଖା ପ୍ରକାଶ, ଧନୁଯାତ୍ରା, ନୂଆଁଖାଇ ସଂଖ୍ୟା ପ୍ରକାଶନ କ୍ଷେତ୍ରରେ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଡା. ଶୁଭେନ୍ଦୁ ସୁଧା ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶିଶୁ ସାହିତ୍ୟିକ ମଦନ ମୋହନ ରଥ, ହୈମବତୀ ମିଶ୍ର, ଡା. ଅଶୋକ କୁମାର ସେଠୀଙ୍କୁ ମାନପତ୍ର, ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଅରବିନ୍ଦ ଗୁପ୍ତା, ସେବକ ସାହୁ, ନେପାଳ ଦୁଆନ, ଗୁଣନିଧି ସାହୁ, ସୁରେଶ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବରଗଡ଼ରେ ଅରୁନ୍ଧତୀ ଜୁଏଲର୍ସ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୫।୫**

ବରଗଡ଼ ସହରର ସ୍ଥାନୀୟ ସେଲ୍‌ଟ୍ୟାକ୍ସ ଅଫିସ ଛକ ନିକଟ ମୁଖ୍ୟରାସ୍ତା ପାର୍ଶ୍ୱରେ ଶୁକ୍ରବାର ଅରୁନ୍ଧତୀ ଜୁଏଲର୍ସ ଉଦ୍‌ଘାଟିତ ହୋଇଛି । ସିନେ ତାରକା ତଥା ପ୍ରସିଦ୍ଧ ବଲିଉଡ ଅଭିନେତା ଗୋବିନ୍ଦା ଓ ଅରୁନ୍ଧତୀ ଜ୍ୱେଲର୍ସର ବ୍ରାଣ୍ଡ ଆମ୍ବାସାଡ଼ର ଓଲିଉଡ ନାୟିକା ଅର୍ଚ୍ଚିତା ଏହାକୁ ଉଦ୍‌ଘାଟନ କରିଥିଲେ । ଅରୁନ୍ଧତୀ ଜ୍ୱେଲର୍ସ ଭୁବନେଶ୍ୱର, ସମ୍ବଲପୁର, ବଲାଙ୍ଗୀର ଏବଂ ଭବାନୀପାଟଣାଠାରେ ଉତ୍କୃଷ୍ଟ ମାନ ଓ ଡିଜାଇନର ସୁନାଗହଣା, ଉତ୍ତମ ଗ୍ରାହକ ସେବା ଯୋଗାଇ ଦେଉଛି। ନିଜର ସ୍ୱଚ୍ଛ ବ୍ୟବସାୟିକ ପାରଦର୍ଶିତା ପାଇଁ ରାଜଧାନୀ ଭୁବନେଶ୍ୱର ସହ ଓଡ଼ିଶାର ଘରେ ଘରେ ବିଶ୍ୱାସଭାଜନ ହୋଇ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକ ସୃଷ୍ଟି କରି ପାରିଥିବା ଅରୁନ୍ଧତୀ ଜ୍ୱେଲର୍ସର ଏହା ହେଉଛି ପଞ୍ଚମ ଶାଖା । ଏଠାରେ ରହିଥିବା ୫ହଜାର ବର୍ଗଫୁଟ୍ ପରିମିତ ସୋ ରୁମ୍‌ରେ ଶହେ ପ୍ରତିଶତ ବିଆଇଏସ୍ ସାର୍ଟିଫାଏଡ୍ ୯୧.୬ ହଲମାର୍କ, ଅତ୍ୟାଧୁନିକ ସୁନା ଅଳଙ୍କାର ସହିତ ଆଇଜିଆଇ ସାର୍ଟିଫାଏଡ୍ ଡାଇମଣ୍ଡ ଜୁଏଲାରୀର ଅତ୍ୟାଧୁନିକ କଲେକ୍ସନ ଉପଲବ୍ଧ ଥିବାବେଳେ କମ୍ପାନୀ ତରଫରୁ ଆକର୍ଷଣୀୟ ଇନାଗୁଲାର ଅଫର ବ୍ୟବସ୍ଥା ରହିଛି ବୋଲି ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଥିଲେ । ପ୍ରତ୍ୟେକ ୯୧.୬ ହଲମାର୍କ ସୁନା ଗହଣାର କ୍ରୟ ଉପରେ ମାଗଣା ଗୋଲ୍ଡ କଏନ, ସିଲଭର କଏନ ସହ ୨ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି, ପ୍ରତ୍ୟେକ କ୍ରୟରେ ସୁନିଶ୍ଚିତ ଆକର୍ଷଣୀୟ ଉପହାର ସହିତ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଗ୍ରାହକଙ୍କ ପାଇଁ ୫୦ଜଣ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ ମଧ୍ୟ ଥିବା ସେ କହିଥିଲେ। ଉଦଘାଟନୀ ସମାରୋହରେ ଜ୍ୱେଲର୍ସର ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ଏବଂ ଅନ୍ୟ କର୍ମଚାରୀଙ୍କ ସମେତ କଂସ ଅଭିନେତା ଭୁବନେଶ୍ୱର ପଧାନ, ବରଗଡ଼ ଏମପି ଡଃ ପ୍ରଭାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ସିନେ ତାରକା ଅର୍ଚ୍ଚିତା, ଗୋବିନ୍ଦାଙ୍କୁ ଦେଖିବା ପାଇଁ ସୋ ରୁମ ସମ୍ମୁଖ ଲୋକାରଣ୍ୟ ହୋଇ ପଡ଼ିଥିବାବେଳେ ଉଦଘାଟନୀ ଦିବସରେ ଏଠାରେ ଗରାଖଙ୍କ ବେଶ୍ ଭିଡ଼ ଜମିଥିବା ପରିଲକ୍ଷିତ ହୋଇଥିଲା ।



ଅରୁନ୍ଧତୀ ଜୁଏଲର୍ସର ଉଦଘାଟନୀ ସମାରୋହରେ ସିନେ ତାରକା ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରୁଛନ୍ତି ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବସ୍ ଧକ୍କାରେ ସାଇକେଲରେ ଯାଉଥିବା ନାବାଳକ ଗୁରୁତର

ରେଙ୍ଗାଲି, ୫।୫ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗଣେଶନଗର ହନୁମାନମନ୍ଦିର ସମ୍ମୁଖରେ ବସ ଧକ୍କାରେ ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ରବିବାର ସକାଳ ପ୍ରାୟ ୭ଟା ସମୟରେ ଏହି ଘଟଣା ଘଟିଛି। ଆହତ ନାବାଳକ ଜଣକ ହେଲେ ରେଙ୍ଗାଲି ପୁରୁଣାବସ୍ତିର ଶୁଭମ୍ ସାହୁ (୧୫)। ସେ କ୍ଷୀର ନେବା ପାଇଁ ସାଇକେଲ ଯୋଗେ ଗଣେଶନଗର ଯାଉଥିଲେ। ଏତିକିବେଳେ ତେଜି ନାମକ ଏକ ଘରୋଇ ବସ (ଓଆର୍ ୧୬ ଜି- ୩୬୬୩) ଦ୍ରୁତ ଗତିରେ ଆସି ଶୁଭମ୍‌ଙ୍କ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଶୁଭମ୍ ସାଇକେଲ ସହିତ ବସ୍ ତଳେ ରହି ଯାଇଥିଲେ। ବସଟି ଶୁଭମଙ୍କୁ ସାଇକେଲ ସହ ପ୍ରାୟ ୧୫ରୁ ୨୦ ମିଟର ଦୂରକୁ ଘୋଷାଡି ନେଇଥିଲା । ଡ୍ରାଇଭର, କଣ୍ଡକ୍ଟର ଏବଂ ହେଲପର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଜନସାଧାରଣ ଗୁରୁତର ଅବସ୍ଥାରେ ଶୁଭମଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ହେଲେ ଉତ୍ତ୍ୟକ୍ତ ଲୋକେ ବସ୍‌କୁ ଭଙ୍ଗାରୁଜା କରିଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ବସଟିକୁ ଜବତ କରି ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନିଶା କାରବାର ର୍ୟାକେଟର ପର୍ଦ୍ଦାଫାଶ

- ବିପୁଳ ନିଶାଦ୍ରବ୍ୟ ଜବତ
- ପଶ୍ଚିମ ଓଡିଶାରେ ବ୍ୟାପିଥିଲା ଚେର
- ଔଷଧ ଦୋକାନୀଙ୍କ ସହ ୩ ଗିରଫ

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁର ପୋଲିସ ଏକ ନିଶା କାରବାର ର୍ୟାକେଟର ପର୍ଦ୍ଦାଫାଶ କରିଛି । ଏହି ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସୁନ୍ଦରଗଡ ଜିଲାର ଜଣେ ଔଷଧ ଦୋକାନ ମାଲିକ ଅଜୟ କୁମାର ଚୌଧୁରୀ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ଟାଉନ ଥାନା ଅନ୍ତର୍ଗତ ଦଲେଇପଡାର ମହମ୍ମଦ ସାହିଦ ଅନସାରୀ, ମହାନ୍ତିପଡାର ଲକ୍ଷ୍ମୀଧର ସାହୁଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ବିପୁଳ ମାତ୍ରାରେ କୋରେକ୍ସ, ନିଶାବଟିକା, ଇଞ୍ଜେକ୍ସନ ଜବତ କରାଯାଇଛି। ଅଇଁଠାପାଲି ଥାନା ପରିସରରେ ରବିବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଏସପି ସଞ୍ଜିବ ଅରୋରା।

ଏସ୍‌ପି ଆରୋରାଙ୍କ ସୂଚନା ଅନୁସାରେ ସମ୍ବଲପୁର ଜିଲାରେ ନିୟମିତ ଭାବେ କୋରେକ୍ସ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ କାରବାର ଉପରେ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରୁଥିଲା । ହେଲେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରି ପାରୁ ନ ଥିଲା । ତେଣୁ ଏକ ମାସ ତଳେ ପୋଲିସ ତାଙ୍କୁ ଗିରଫ କରିବାକୁ ଏକ ଟିମ ଗଠନ କରିଥିଲା। ବିଭିନ୍ନ ସ୍ଥାନରେ ଚଢାଉ କଲାପରେ ସୁନ୍ଦରଗଡ ଜିଲାର ଏକ ଔଷଧ ଦୋକାନରୁ ଚୋରା ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବରଗଡ, ବଲାଙ୍ଗୀର, ଝାରସୁଗୁଡା, ଦେବଗଡ, ସୁବର୍ଣ୍ଣପୁର ପ୍ରଭୃତି ଜିଲାକୁ ଏହାର ଚେର ଲମ୍ବିଥିବା ଜାଣିବାକୁ ପାଇଥିଲା । ପୋଲିସ ଟିମ ପ୍ରଥମେ ଦୋକାନ ଓ ତାଙ୍କ ଗୋଦାମରେ ଚଢାଉ କରି ବିପୁଳ ମାତ୍ରାରେ ନିଶାଦ୍ରବ୍ୟ ଜବତ କରିଥିଲା । ସେଗୁଡିକ ମଧ୍ୟରେ ୩୨ ପେଟି ଅର୍ଥାତ ୩ ହଜାର ୨ ଶହ ବୋତଲ କଫ ସିରପ, ୨୮ ପେଟିରେ ୯ ହଜାର ୩ ଶହ ପତା ନିଶା ବଟିକା, ୪୯ ହଜାର ଫାଇଲ ଇଞ୍ଜେକଶନ ଅନ୍ତର୍ଭୁକ୍ତ। ଏହା ସହ ୫ ଲିଟର କଫ ସିରପରେ ମିଶ୍ରିତ ଦ୍ରବ୍ୟ ଜବତ ହୋଇଛି । ଗିରଫ ଔଷଧ ଦୋକାନୀଙ୍କର ଜବତ ନିଶାଦ୍ରବ୍ୟ ବିକ୍ରି କରିବାର ଲାଇସେନ୍ସ ନ ଥିବା ଜଣାପଡିଛି। ବିନା କାଗଜପତ୍ରରେ କିଭଳି ଭାବେ ଗୋଟିଏ ଦୋକାନରେ ଏତେଗୁଡିଏ ଔଷଧ ବିକ୍ରି ପାଇଁ ଦିଆଯାଇଥିଲା ତାହାର ତଦନ୍ତ କରାଯାଉଛି । ରାଜ୍ୟ ଡ୍ରଗ୍ସ ସ୍କ୍ୱାଡକୁ ଏ ସମ୍ପର୍କରେ ଅବଗତ କରାଯାଇଛି ବୋଲି ଏସ୍‌ପି ଆରୋରା କହିଛନ୍ତି।



ସମ୍ବଲପୁର ଅଇଁଠାପାଲି ପୋଲିସ ଜବତ କରିଥିବା ନିଶାଦ୍ରବ୍ୟ ସହ ଅଭିଯୁକ୍ତ ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଗ୍ରୀଷ୍ମକାଳୀନ ନୃତ୍ୟ, ଗୀତ, ଚିତ୍ରାଙ୍କନ, ଯୋଗ ଶିବିର ଉଦ୍‌ଘାଟନୀ ଉତ୍ସବ, ସହଯୋଗନଗର ସାଇଶିକ୍ଷା ପରିଷଦ, ସକାଳ ୫ଟା।
- ଗ୍ରୀଷ୍ମକାଳୀନ ମାର୍ଶଲ ଆର୍ଟ ଶିବିର, ବିନାଖଣ୍ଡି, ସକାଳ ୫ଟା।
- ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା।

## ଦୋକାନ ମାଲିକଙ୍କ ସହ ୩ ଗିରଫ

ଅନଲାଇନ ଶପିଂ ସାମଗ୍ରୀ ଚୋରି ଘଟଣା

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଜିଲାରେ ଅନଲାଇନ ଶପିଂ ସାମଗ୍ରୀ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି । ଏହି ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଟ୍ରାନ୍ସପୋର୍ଟ କରୁଥିବା ଗାଡି ଡ୍ରାଇଭର ନୟାଗଡ ଜିଲା ଇଟାମାଟି ଥାନା ବଡପଣ୍ଡୁସରା ଗ୍ରାମର ସୁକାନ୍ତ ମହାରଣା ଓ ହେଲପର ବସନ୍ତ କୁମାର ଜେନା । ସେହିପରି ଚୋରି ସାମଗ୍ରୀ କିଣୁଥିବା ଅନୁଗୋଳ ଜିଲାର ଶୀତଳ ପ୍ଲାଜା ନାମକ ଦୋକାନ ମାଲିକ ରବି ମାଝୀଙ୍କୁ ମଧ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନଙ୍କ ନିକଟରୁ ବିଭିନ୍ନ କମ୍ପାନୀର ୧୭ଟି ଦାମୀ ମୋବାଇଲ ଫୋନ ଜବତ ହୋଇଛି ବୋଲି ଅଇଁଠାପାଲି ଥାନା ପରିସରରେ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏକ ଘରୋଇ ସୁରକ୍ଷା ସଂସ୍ଥାର ଅଧିକାରୀ ରଞ୍ଜନ କୁମାର ମିଶ୍ର ଏପ୍ରିଲ ୧୯ରେ ଥାନାରେ ଅଭିଯୋଗ କରିଥିଲେ। ୨୦୧୮ ଡିସେମ୍ବରରୁ ସମ୍ବଲପୁର ଜିଲାରେ ଆମାଜନ ସପିଂରେ ଅନଲାଇନ ମାଧ୍ୟମରେ କିଣା ଯାଇଥିବା ମୂଲ୍ୟବାନ ସାମଗ୍ରୀ ଚୋରି ହେଉଛି। ସିଲ୍ ଫାଡି ସମାଗ୍ରୀ ଚୋରି ହେବା ସହ ସେଥିରେ ଅନ୍ୟ ଜିନିଷ ଭର୍ତ୍ତି କରି ଗ୍ରାହକମାନଙ୍କ ପାଖ ଯାଉଛି। ଏ ନେଇ ଗ୍ରାହକମାନେ ଅଭିଯୋଗ କରୁଛନ୍ତି । ଏଥିରେ କମ୍ପାନୀ କର୍ମଚାରୀ ସଂପୃକ୍ତି ରହୁଥିବା ସନ୍ଦେହ ରହୁଛି ବୋଲି ସେ ଅଭିଯୋଗ କରିଥିଲେ। ଏଣୁ ପୋଲିସ ଏଏସ୍‌ଆଇ କେ.ଏନ. ରେଡ୍ଡି, ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଅନୁଗୋଳ ଦୋକାନରେ ଚଢାଉ କରାଯାଇ ୧୧ ମୋବାଇଲ ଜବତ ହୋଇଥିଲା।

## ସମାଜ ଲାଗି ଉଦାହରନ୍ ସାଜିଛନ୍ ଜଗବନ୍ଧୁ

- ଜାଲେନି କାଠ୍ ତୁଲଉଛେ ଛୁଆକର ପାଠ୍‌ପଢ଼ା ଖରଚ୍

ଅତାବିରା, ୫।୫ (ଡି.ଏନ.ଏ)

ମୁନୁଷ ଧନୀ ହେଉ ଗରିବ୍, ସଭେ ଜିଁବାର ଖାଏବାର ଲାଗି ନାନା ଉପେ ପାଁଚୁଛନ୍। ଭିନେ ଭିନେ ଲୋକ୍ ଅଲଗ ଅଲଗ କାମ କରି ଦୁଇ ପଏସା ରୁଜଗାର କରବାର ସଂଗେ ନିଜର କୁଟୁମ ପୁଷୁଛନ୍। ଏନ୍ତା ଝନେ ଦିନ ମଜୁରୀଆକେ ଅଂଚଲର ଖବର ଠୁଲାଲାବେଲେ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଦେଓଗାଁର ଜଗବନ୍ଧୁ ମଲ୍ଲିକ(୩୮)। ପେସାରେ ସେ ଝନେ ଦିନ୍ ମଜୁରୀଆ। ଜମିବାଡି ବଲି କିଛି ନାଇଁ, ସରକାରନୁ ପାଇଥିବାର ୮୫ ଡିସମିଲ ଜମି ନ ତାକର ସଁପତି। ପରିବାର କହେଲେ ମାଏକିନା ଲକ୍ଷ୍ମୀ, ତିନ୍ ଝିଁ ଆର ଗୁଟେ ପୁଓ। ଜଗବନ୍ଧୁ ଫିଦିନ୍ ସଖାଲ ପାଏଲେ ସାଇକେଲଟେ ଧରି ପାସର ଜଂଗଲରୁ ଶୁଖା କାଠ୍ ଠୁଲଉଛନ୍, ସେ ମହାନଦୀ ପାର ହେଇ ବରଗଡ଼ ଜିଲାର ଭେଡ଼େନ, ଅତାବିରା ବ୍ଲକର ଭିନେ ଭିନେ ଗାଁଗେ କାଠ୍ ନେଇ ବିକୁଛନ୍। ହପ୍‌ତାକ ୩ ଦିନ୍ ଜଂଗଲୁ ଶୁଖା କାଠ୍ ଠୁଲଉଥିଲା ବେଲେ ୩ ଦିନ୍ ନଏଦ୍ ପାର ହେଇ ବରଗଡ଼ ଜିଲାର ଭିନେ ଭିନେ ଗାଁକେ କାଠ୍ ବିକି ନେଉଛନ୍। ସେଥିରୁ ଯାହା କମାନି ହେଉଛେ ତାକର ପରିବାର ଚଲବାର ସଂଗେ ପିଲାଛୁଆକୁ ପାଠ୍ ପଢ଼ଉଛନ୍, ବୁଢ଼ି ମା'ର ଉଷୋକଷା କରୁଛନ୍। ବେପାର ବାବ୍‌ଦେ ଜଗବନ୍ଧୁଙ୍କୁଁ ପଚରାଲାରୁ ମୋର ବାପ୍ ମରିଗଲା ପରେ ୧୬ ବଛର ବଏସୁ ଇ ବେପାର କରିଆସୁଛେଁ। ଇ ବେପାର କରି ମୁଇଁ ବିହାଚୁରା ହେଇଛେଁ, ପିଲାଛୁଆକୁ ପାଠ୍ ପଢ଼ଉଛେଁ, ବୁଢ଼ି ମା'ର ଉଷୋକଷା କରୁଛେଁ ବଲି ସେ କହିଥିଲେ। ସେନ୍ତା ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ପାଉଥିବାର ୩୦ କେ.ଜି. ଚାଉଲ, ହେଲେ ସରକାରୀ ଯୋଜନାରେ ପକାଘର ଖଁଡ଼େ ପାଏବାରୁ ବଁଚିତ୍ ହେଇଛନ୍। ଯେନ୍‌ଥିରଲାଗି କୁଟୁମବସିଆ ଗୁଟେ ମାଏଟ୍ କୁରିଆରେ ଜାଁକିକୁଁଚି ହେଇ ରହୁଥିବାର ଜଗବନ୍ଧୁ ମନ୍ ଦୁଖ୍ କରି କହିଥିଲେ।


ଜଗବନ୍ଧୁ ସାଇକେଲରେ କାଠ୍ ବିକି ନେଉଛନ୍।

## ନାବାଳିକାଙ୍କୁ ଦିଲ୍ଲୀ ଚାଲାଣ

- ଉଦ୍ଧାର ପାଇଁ ଥାନା ଦ୍ୱାରସ୍ଥ ହେଲେ ପରିବାର ଲୋକେ

ରାଉରକେଲା ଅଫିସ,୫।୫

ଲାଠିକଟା ଥାନା ଅନ୍ତର୍ଗତ ଏରଗେଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦିଲ୍ଲୀ ଚାଲାଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ନାବାଳିକାଙ୍କ ବଡ଼ ଭଉଣୀ ଲାଠିକଟା ଥାନାରେ ଅଭିଯୋଗ କରି ତାଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। ଏଥିସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଗତ ମାର୍ଚ୍ଚ ୨୨ରେ ନାବାଳିକାଙ୍କୁ ଜଣେ ବ୍ୟକ୍ତି ଘରୁ ଡାକି ନେଇ ଯୁବତୀ ଚାଲାଣ କରୁଥିବା ଜଣେ ମଧ୍ୟସ୍ଥଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ମଧ୍ୟସ୍ଥଙ୍କୁ ପଚାରିବାରୁ ସେ କହିଥଲେ, ଚିନ୍ତା କରନି ତୁମ ଝିଅ ଭଲ କାମରେ ଯାଇଛି। ୧୫ ଦିନ ଭିତରେ ଫେରି ଆସିବ। ତେବେ ୧୫ ଦିନ ପରେ ବି ନାବାଳିକା ଘରକୁ ଫେରି ନ ଥିଲେ। ଖବର ନେବାରୁ ଜଣାପଡ଼ିଲା ନାବାଳିକାଙ୍କୁ ମଧ୍ୟସ୍ଥ ଦିଲ୍ଲୀ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ନାବାଳିକାଙ୍କୁ ଘରୁ ଡାକି ନେଇଥିବା ବ୍ୟକ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ୨ବର୍ଷ ପାଇଁ ତାଙ୍କୁ ଦିଲ୍ଲୀ ପଠାଇ ଦିଆଯାଇଛି। ସେ ଆଉ ଏବେ ଫେରିବ ନାହିଁ। ତୁମେ ଯେଉଁଠି ଅଭିଯୋଗ କରିବା କଥା କର। ମୋତେ କିଛି ଫରକ ପଡ଼ିବନି। ଏମିତି ଅବସ୍ଥାରେ ପରିବାର ଲୋକେ ନିରାଶ ହୋଇ ପଡ଼ିଥିଲେ। ଗତ ୧ ତାରିଖ ରାତି ୧୦ଟାରେ ନାବାଳିକା ଦିଲ୍ଲୀରେ କେଉଁ ଅବସ୍ଥାରେ ଏବଂ କିଭଳି କଷ୍ଟରେ ଅଛନ୍ତି ସେ ସମ୍ପର୍କରେ ପରିବାର ଲୋକଙ୍କୁ ଟେଲିଫୋନ କରି ଜଣାଇଥିଲେ। ଏନେଇ ନାବାଳିକାଙ୍କ ବଡ଼ ଭଉଣୀ ଶନିବାର ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲଙ୍କ ସହ ଲାଠିକଟା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ଭଉଣୀକୁ ଉଦ୍ଧାର କରିବାକୁ ଆକୁଳ ନିବେଦନ କରିବା ସହ ମାନବ ଚାଲାଣରେ ସମ୍ପୃକ୍ତ ମଧ୍ୟସ୍ଥଙ୍କୁ କଠୋର ଦଣ୍ଡ ଦେବାକୁ ସେ ନିବେଦନ କରିଛନ୍ତି।

## ୫ କେଜି ଗଞ୍ଜେଇ ସହ ୩ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୫।୫(ବ୍ୟୁରୋ)

ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ୫ କେଜି ଗଞ୍ଜେଇ ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଛତିଶଗଡ ରାୟପୁରର ପ୍ରକାଶ ଚୌହାନ, ଧନୁପାଲି ଥାନା ଅଧୀନ ସୁନାପାଲି ଅଞ୍ଚଳର ମହମ୍ମଦ ସିରାଜ ଓ ମହମ୍ମଦ ସହନାବାଜ। ଗଞ୍ଜେଇ ଚେରା ଚାଲାଣରେ ବ୍ୟବହାର ହେଉଥିବା ଏକ ଅଟୋ (ନଂ ଓଡି ୧୫-ସି-୩୮୭୩)କୁ ମଧ ଜବତ କରାଯାଇଛି। ଏ ନେଇ ଥାନରେ ଏକ ମାମଲା (ନଂ ୧୦୩/୧୯)ରୁଜୁ ହୋଇଛି । ସୂଚନା ଯୋଗ୍ୟ ଯେ, ଏହି ଗଞ୍ଜେଇ ଟ୍ରେନ ଯୋଗେ ରାୟପୁର ଚାଲାଣ କରିବା ପାଇଁ ଅଟୋରେ ସମ୍ବଲପୁର ଷ୍ଟେଶନକୁ ନିଆଯାଉଥିଲା।

# ଚା' ବିକାଳି ହତ୍ୟା ମାମଲା: କବାଡ଼ିବାଲା ଗିରଫ

ବରଗଡ଼ ଅଫିସ୍,୫।୫

ବରଗଡ଼ ଜିଲା ଅତାବିରା ଥାନା ଚକୁଳିଫାର୍ମ ଛକରେ ଗତ ମାର୍ଚ୍ଚ ୨୧ତାରିଖ ରାତିରେ ଚା ବିକାଳି ପି. ସତ୍ୟପ୍ରସାଦ ଚୌଧୁରୀ(୫୫) ହତ୍ୟା ମାମଲାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ପୋଲିସ ଜଣେ କବାଡ଼ିବାଲା ତଥା ଛତିଶଗଡ଼ ରାଜ୍ୟ ଦୁର୍ଗ ଜିଲା କୁର୍ସିପୁର ଥାନା ଭିଲାଇ ପାୱାର ହାଉସ୍(ୱାର୍ଡ଼ ନଂ-୩୬) ନିବାସୀ ନୁରୁଲ ହାସନ୍(୩୦)ଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ କଟୁରୀ ଜବତ ହୋଇଛି। ଏ ନେଇ ଅତାବିରା ଥାନା ପୋଲିସ ଦଫା ୩୦୨କ୍ରମେ ଏକ ମାମଲା (ନଂ.୭୬/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ରବିବାର ଅପରାହ୍ନ ୧ଟାରେ ବରଗଡ଼ ଏସଡ଼ିପିଓଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ କ୍ଷୀରସାଗର ନାଏକ ସୂଚନା ଦେଇ କହିଥିଲେ, ହତ୍ୟାକାଣ୍ଡରେ ମୃତ ପି. ସତ୍ୟପ୍ରସାଦ ଚୌଧୁରୀ ଚକୁଳିଫାର୍ମ ଛକରେ ଚା' ଦୋକାନ ଦେଇଥିଲେ। ତେବେ ଯାଯାବର ଜୀବନଯାପନ କରୁଥିବା ଅଭିଯୁକ୍ତ କବାଡ଼ିବାଲା ନୁରୁଲ ହାସନ ତାଙ୍କ ଦୋକାନକୁ ବାରମ୍ବାର ଯାଉଥିବା ଯୋଗୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଘଟଣାଦିନ ଉଭୟେ ଏକାଠି ମଦ୍ୟପାନ କରିଥିଲେ। ସତ୍ୟପ୍ରସାଦ ସେହିଦିନ ରାତ୍ରିରେ ଘରକୁ ଖାଇବାକୁ ଯାଇଥିଲେ ଏବଂ ଘର ପାଖରେ ହେଉଥିବା ହୋଲପୋଡ଼ି ଉତ୍ସବ ଦେଖି ପୁଣି ଦୋକାନକୁ ଫେରିଥିଲେ। ସେତେବେଳେ ନୁରୁଲ ତାଙ୍କ ଚା' ଦୋକାନରେ ଶୋଇଥିଲେ।

ସତ୍ୟପ୍ରସାଦ ଦୋକାନରେ ପହଞ୍ଚି ସେଠାରୁ ଉଠି ଚାଲିଯିବା ପାଇଁ ନୁରୁଲଙ୍କୁ କହିଥିଲେ। ମାତ୍ର ନୁରୁଲ ସେଠାରୁ ଯାଇ ନ ଥିଲେ। ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ସତ୍ୟପ୍ରସାଦ ତାଙ୍କ ଦୋକାନରୁ କଟୁରୀ ବାହାର କରି ସେଠାରୁ ଚାଲିଯିବା ପାଇଁ ନୁରୁଲଙ୍କୁ ଡରାଇଥିଲେ। ତଥାପି ନୁରୁଲ ସେଠାରୁ ଯାଇ ନ ଥିଲେ। ଅନ୍ୟପକ୍ଷେ ସତ୍ୟପ୍ରସାଦ ଧରିଥିବା କଟୁରୀକୁ ଛଡ଼ାଇ ଆଣି ନୁରୁଲ ସେଥିରେ ତାଙ୍କୁ ହତ୍ୟା କରିଥିଲେ। ପରେ ଏକ ଟ୍ରକ୍ ଯୋଗେ ଫେରାର ହୋଇ ଯାଇଥିଲେ ବୋଲି ଏସଡ଼ିପିଓ ନାଏକ କହିଛନ୍ତି।

ହତ୍ୟାକାଣ୍ଡ ପରଦିନ ମୃତକଙ୍କ ସମ୍ପର୍କୀୟ ପି. ତେଜସ୍ୱରୂପ ଅତାବିରା ଥାନାରେ ଘଟଣାକୁ ନେଇ ଏତଲା ଦେଇଥିଲେ। ଏହାପରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ମାମଲା ରୁଜୁ ସହିତ ହତ୍ୟା ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ସମ୍ବଲପୁର ଜିଲା ରେଙ୍ଗାଲି ନିକଟ ପଣ୍ଡଲୋଇରୁ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଥିବା ଏସଡ଼ିପିଓ ସୂଚନା ଦେଇଥିଲେ। ସେହିପରି ଗିରଫ ଅଭିଯୁକ୍ତଙ୍କ ପାଖରେ ମିଳିଥିବା ଭୋଟର ପରିଚୟ ପତ୍ରରେ ଉପରୋକ୍ତ ଠିକଣା ରହିଥିବାବେଳେ ସେ ଉତ୍ତରପ୍ରଦେଶ ରାଜ୍ୟ ସୁଲତାନପୁରର ମୂଳବାସିନ୍ଦା ବୋଲି ପରିଚୟ ଦେଇଥିବା ଏସଡ଼ିପିଓ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

## ସେଲ୍‌ଫି କର୍ଣ୍ଣର


@ ମିଲନ୍


@ ମୁକେଶ


@ ଭଗୱାନ


@ ମନୀଷା


@ ରାକେଶ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର



## ସଂକ୍ଷେପରେ



### ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ଚାଳକ

**କୋକସରା,୫।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁରୁ ବାନେର ଯିବା ରାସ୍ତା କମଳ ନଦୀ ପୋଲରେ ରବିବାର ଅପରାହ୍ନ ୪ଟାରେ ଏକ ଟିପସ୍ ବେଝୋଇ ଟ୍ରାକ୍ଟର ଭରସାମ୍ୟ ହରାଇ ଓଲଟିପଡିଛି। ଏଥିରେ ଗାଡି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଗାଡିକୁ ଉଦ୍ଧାର କରିଛନ୍ତି । ସୂଚନା ଅନୁସରେ ଅପରାହ୍ନ ୪ଟାରେ ବଡପୁଝାରୀଗୁଡ ପଞ୍ଚାୟତ ସୁବିଗୁଡ ଗ୍ରାମର ଏକ ଟ୍ରାକ୍ଟର (ନଂ.ଓଡି୦୮-୫୫୪୬) ଟିପ୍ସ ବୋଝେଇ ହୋଇ ଲଡୁଗାଁ ଦେଇ ସୁବିଗୁଡାକୁ ଯାଉଥିଲା । କମଳ ନଦୀ ପୋଲ ପାଖରେ ଗଡାଣିଥିବାରୁ ଗାଡି ଭାରସାମ୍ୟ ହରାଇ ଟ୍ରାକ୍ଟର ହେଡ ନଦୀ ଭିତରକୁ ଓହଳିପଡି ଥିବାବେଳେ ଟର୍ଲିଟି ରାସ୍ତାରେ ଅଟକି ଯାଇଥିଲା । ଏହି ସମୟରେ ଡ୍ରାଇଭର ଗାଡିରୁ ଡେଇଁପଡି ଫେରାର ହୋଇଛନ୍ତି। ପରେ ସ୍ଥାନୀୟ ଲୋକେ ଏକ ଜେସିପି ସାହାଯ୍ୟରେ ଟ୍ରାକ୍ଟରକୁ ଉଦ୍ଧାର କରିଥିଲେ।



### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କେସିଙ୍ଗା,୫।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମସ୍ଥିତ ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଗତ ବୁଧବାର ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗତ ଗୁରୁବାର ସକାଳ ୭ଘଣ୍ଟାରେ ନାମଯଜ୍ଞ ଆରମ୍ଭ ହୋଇ ଶନିବାର ପୂର୍ଣ୍ଣାହୁତି ପରେ ନଗର ପରିକ୍ରମା କରାଯାଇଥିଲା। ଏହି ଷୋହଳ ପ୍ରହର ନାମଯଜ୍ଞରେ ୫ଟି ପୁରୁଷ ଦଳ ଓ ୩ଟି ମହିଳା ଦଳ ଯୋଗଦେଇଥିଲେ। ଏହି ନାମଯଜ୍ଞରେ ଋଷି ସାହୁ ଓ ବେଳମତୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

### ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା,,୫।୫(ଡି.ଏନ.ଏ.)** ଏଲଆଇସିର ବରିଷ୍ଠ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ଏଲଆଇସିର ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଯୋଗଦାନ କରିଥିଲେ। ଏଲଆଇସିର ମୁଖ୍ୟ ପ୍ରବନ୍ଧକ ପି. ସତ୍ୟନାରାୟଣ, ପ୍ରଶାସନିକ ପ୍ରବନ୍ଧକ ଭି. ଶ୍ରୀଧର, ପୂର୍ବ ସାଙ୍ଗଠନିକ ସମ୍ପାଦକ ପ୍ରବୋଧ କୁମାର ରଥ, ବିଘ୍ନରାଜ ମାଝି, ଭବାନୀଶଙ୍କର ବେଲରା ଏବଂ ଅନ୍ୟାନ୍ୟ ଉନ୍ନୟନ ଅଧିକାରୀ, ଅଫିସର, କର୍ମଚାରୀ ଏବଂ ଅଭିକର୍ତ୍ତାମାନେ ଉପସ୍ଥିତ ଥିଲେ।

# ନିମ୍ନମାନର ବିହନ, କାମ କରୁନି କୀଟନାଶକ

- ଚାଷୀଙ୍କୁ ରବି ଫସଲ ଚଡ଼କ
- କୋମନା ବ୍ଲକର ସୋଲବନ୍ଧ

**ନୂଆପଡା ଅଫିସ,୫।୫**

ସରକାରଙ୍କ କୃଷି ବିଭାଗ ତରଫରୁ ଚାଷୀଙ୍କ ସକାଶେ ରିହାତିରେ ଉନ୍ନତମାନର ବିହନ, କୀଟନାଶକ ଔଷଧ ଯୋଗାଇ ଦିଆଯାଉଥିବା କୁହାଯାଉଥିବା ବେଳେ ବିଭାଗୀୟ ଅଧିକାରୀମାନଙ୍କ ବେପରୁଆ ଏବଂ ଲାଭଖୋର ମନୋଭାବ ଯୋଗୁ ନିମ୍ନମାନର ଯୋଗାଣ ହେଉଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ରବି ଫସଲ ସମୟରେ ନୂଆପଡ଼ା ଜିଲା କୋମନା ବ୍ଲକ ସୋଲବନ୍ଧ ଗାଁର ଚାଷୀମାନେ ବିହନ କିଣି ଚାଷ କରିଥିବାବେଳେ ଅମଳ ସମୟକୁ ଏହାର ମାନ ନିମ୍ନମାନର ବୋଲି ଜଣାପଡୁଛି। ନିମ୍ନମାନର ବିହନ ଯୋଗୁ ଠିକ ଭାବରେ ଫଳ ଧରି ନ ଥିବାବେଳେ ଅଜଣା ରୋଗ ପୋକରେ ଧାନଗଛ ଭାଙ୍ଗି ପଡୁଛି । କୌଣସି ପ୍ରକାର ଔଷଧ କାମ କରୁ ନ ଥିବା ଦେଖିବାକୁ ମିଳିଛି।

କୋମନା ବ୍ଲକ କୃଷି କାର୍ଯ୍ୟାଳୟଠାରୁ ମାତ୍ର ୨ କି.ମି. ଦୂର ସୋଲବନ୍ଧ ଗାଁରେ ଶତ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ନିକଟରେ ଥିବା ସୁନ୍ଦର ନଦୀ ଗାଁର ଚାଷୀମାନଙ୍କୁ ସବୁବେଳେ ସହାୟକ ହୋଇଆସୁଛି। ଏଠାରେ ଥିବା ଉଠାଜଳସେଚନ ପଏଣ୍ଟରୁ ପାଣିରେ ଚାଷୀମାନେ ବିଭିନ୍ନ ରବି ଚାଷ କରିଥାନ୍ତି । ଏଥର ମଧ୍ୟ ପୂର୍ବବତ ଧାନ ଚାଷ କରିଥିଲେ। ସରକାରଙ୍କ ତରଫରୁ ଉନ୍ନତ ମାନର ଧାନ ବିହନ ଯୋଗାଣ ହୋଇଥିବା ନେଇ ବାରମ୍ବାର ସଚେତନତା କରିବାରୁ ଚାଷୀମାନେ ବାଧ୍ୟ ହୋଇ ସରକାରୀ ବିହନ ଆଣିଥିଲେ। ଏଥିରେ ଏମସି୧୩,୨୨ ;୩୩,୧୧ ;୫୬ ହାଇବ୍ରିଡ ଧାନ କିଗ୍ରା ପ୍ରତି ୨୫୦ ଟଙ୍କା ଦେଇ ସ୍ଥାନୀୟ ଜଣେ ଡିଲରଙ୍କଠାରୁ କିଣିଥିଲେ । ଏଥିରେ ୧ କିଗ୍ରାକୁ ୨୫ କୁଇଣ୍ଟାଲ ଆମଦାନୀ ହେବ ବୋଲି କୁହାଯାଇଥିଲା । କେତେ ସ୍ୱପ୍ନ ଦେଖି ଚାଷୀମାନେ ଦିନରାତି ପରିଶ୍ରମ କରିଥିଲେ। ଶେଷ ବେଳକୁ ସବୁ କସରତ ଫସର ଫାଟିଛି । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବର୍ତ୍ତମାନ ଧାନ କେଣ୍ଡାରେ ଗଣ୍ଡିପୋକ, ଧାନ କେଣ୍ଡାରେ ଅଗାଡି ହୋଇଯାଉଛି। ବିଭିନ୍ନ ପ୍ରକାର କୀଟନାଶକ ବ୍ୟବହାର କରୁଥିଲେ ମଧ୍ୟ ତାହା କାମକୁ ଆସୁ ନ ଥିବା ଚାଷୀମାନେ ବାରମ୍ବାର କୃଷି କର୍ମଚାରୀମାନଙ୍କ ନିକଟକୁ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁନାହାନ୍ତି । ଗାଁର ଚାଷୀ ଦେବାର ନିଆଲଙ୍କ ୨ ଏକର ଚାଷ ନଷ୍ଟ ହୋଇଥିବା ବେଳେ ମାନସିଂ ନିଆଲ, ଅଙ୍ଗଦ ନିଆଲ, ପୀତାମ୍ବର ନିଆଲ, ରମେଶ ଚନ୍ଦ୍ର ନିଆଲ, ଦେଙ୍ଗୀ ନିଆଲ, ଭାଲୁଧର ନିଆଲ, କେଶବ ନିଆଲ, ବଦ୍ରିନାଥ ନିଆଲ, ନଟୁଆ ନିଆଲ, ପ୍ରେମଲାଲ ନିଆଲ, ଗୋସିଂ ନିଆଲ, ଦିର୍ଯ୍ୟୋଧନ ନିଆଲ, ଚଉବନ ନିଆଲ ପ୍ରମୁଖ ୨୫ ଜଣ ଚାଷୀ ୧/୨ ଏକର କରି ଧାନ ଚାଷ କରିଥିଲେ। ହେଲେ ସବୁ ଚାଷର ଅବସ୍ଥା ଏଭଳି ହୋଇଛି । ଏହା ଉପରେ ଜିଲା କୃଷି ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଦୃଷ୍ଟି ଦେବାକୁ ଦାବି ହୋଇଛି ।



ସୋଲବନ୍ଧ ଗାଁର ଚାଷୀମାନେ ନଷ୍ଟ ହୋଇଥିବା ଧାନଗଛ ଦେଖାଉଛନ୍ତି।

## ବାରହା ମାଂସ ଜବତ, ଦୁଇ ଅଟକ

**କଲମପୁର,୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ରେଞ୍ଜ ଅନ୍ତର୍ଗତ ଗୁମାବାହାଲ ଛକଠାରେ ରବିବାର ସକାଳେ କଲମପୁର ବନ କର୍ମଚାରୀ ବାରହା ମାଂସ ଜବତ କରିଛି । ଏହି ଅଭିଯୋଗରେ ବିଭାଗୀୟ ଅଧିକାରୀ ଦୁଇ ଯୁବକଙ୍କ ଅଟକ ରଖି ପଚରାଉଚରା ଚଳାଇଛି। ବନବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ସକାଳ ପ୍ରାୟ ସାଢେ ୬ଟାରେ କଲମପୁର ବନରକ୍ଷୀ ସୁରେନ୍ଦ୍ର ଶବରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କଲମପୁର ବ୍ଲକ ଗୁମାବାହାଲ ଗ୍ରାମର ୨ଜଣ ବାରହା ମାଂସ ଧରି ଯାଉଥିବା ବେଳେ ସେମାନଙ୍କୁ ବନକର୍ମଚାରୀମାନେ ଗୁମାବାହାଲ ଛକଠାରେ କାବୁ କରିଥିଲେ। ସେମାନଙ୍କ ନିକଟରୁ ବାରହା ମାଂସ ଜବତ କରିଥିଲେ। କଲମପୁର ବନପାଳ କାର୍ଯ୍ୟାଳୟରେ ଅଟକ ଦ୍ୱୟଙ୍କୁ ରଖି ଅଧିକ ତଦନ୍ତ ଜାରି ରହିଛି । ବିଭାଗୀୟ ଉଚ୍ଚ ଅଧିକାରୀମାନେ ପହଞ୍ଚିବା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି କଲମପୁର ବନପାଳ ଭୁବନେଶ୍ୱର ବେହେରା ସୂଚନା ଦେଇଛନ୍ତି ।

■ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

# ପ୍ରଧାନଶିକ୍ଷକ ଶିକ୍ଷା ବିକାଶର ମେରୁଦଣ୍ଡ

**ନୂଆପଡା ଅଫିସ/କୋମନା,୫।୫**

ବିଦ୍ୟାଳୟରେ ଛାତ୍ରୀଛାତ୍ର ଅଭିଭାବକ ଏବଂ ଶିକ୍ଷକମାନଙ୍କ ମିଳିତ ପ୍ରୟାସ ପ୍ରାଥମିକ ଶିକ୍ଷାକୁ ଠିକ ଭାବରେ ଗଢିତୋଳିଥାଏ। ଏଥିରେ ପ୍ରଧାନଶିକ୍ଷକମାନଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏମାନେ ଶିକ୍ଷାର ବିକାଶରେ ମଙ୍ଗ ଧରିଥାନ୍ତି। ପ୍ରଧାନଶିକ୍ଷକମାନେ ମେରୁଦଣ୍ଡ ସଦୃଶ ହୋଇଥାନ୍ତି ବୋଲି ମତ ପ୍ରକାଶ ପାଇଛି। ନୂଆପଡ଼ା ଜିଲା କୋମନା ବ୍ଲକ ଜିତାମିତ୍ର ହାଇସ୍କୁଲରେ ଅନୁଷ୍ଠିତ କୋମନା ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଛନ୍ତି । ଜିତାମିତ୍ର ହାଇସ୍କୁଲ ସତିଶଚନ୍ଦ୍ର ସେନ ଗୁପ୍ତା କକ୍ଷରେ ଆୟୋଜିତ ସମ୍ମିଳନୀରେ ବିଆରସିସି ପ୍ରଫୁଲ୍ଲ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିବାବେଳେ ଏବିଇଓ ଜ୍ୟୋତିରଞ୍ଜନ ପଣ୍ଡା, ମାନସପଦ୍ମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ବିଦ୍ୟାଳୟର ନିରାପତା ଯୋଜନା, ସ୍କୁଲ ଉନ୍ନୟନ ଯୋଜନା, ଶତ ପ୍ରତିଶତ ପାଠ୍ୟ ପୁସ୍ତକ ବଣ୍ଟନକୁ ନିଶ୍ଚିତ କରିବା, ବିଦ୍ୟାଳୟର ବିଦ୍ୟୁତକରଣ, ଶୌଚାଳୟ, ପୂର୍ଣ୍ଣ ଅବଧାରଣା, ମୋ ସ୍କୁଲ ଯୋଜନା ଉପରେ ବିଶେଷ ଆଲୋଚନା କରାଯାଇଥିଲା । ଏଥିରେ ଶିକ୍ଷକମାନଙ୍କ ନିୟମିତ ଏବଂ ଠିକ ସମୟରେ ବିଦ୍ୟାଳୟରେ ଉପସ୍ଥାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଶିକ୍ଷକମାନେ ଠିକ ସମୟରେ ବିଦ୍ୟାଳୟରେ ପହଞ୍ଚିଲେ ବିଦ୍ୟାଳୟର ଅଧାସମସ୍ୟା ସମାଧାନ ହୋଇଯିବ। ଏହା ବିଦ୍ୟାଳୟର ଏକ ଶୃଙ୍ଖଳାର ଚାବିକାଠି। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପ୍ରାକ ପ୍ରସ୍ତୁତି କରିବାକୁ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ । ସମ୍ମିଳନୀରେ କୋମନା ବ୍ଲକ ମୋଟ ୨୨୦ଜଣ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକମାନେ ଦୈନନ୍ଦିନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହାକୁ କିପରି ସମାଧାନ କରାଯାଇ ପାରିବ ସେଥିପାଇଁ ଅଭିଜ୍ଞ ଅତିଥିମାନେ କହିଥିଲେ। ଜ୍ୟୋତି ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ ।



ପ୍ରଧାନଶିକ୍ଷକ ସମ୍ମିଳନୀରେ ଯୋଗ ଦେଇଥିବା ପ୍ରଧାନଶିକ୍ଷୟିତ୍ରୀଶିକ୍ଷକମାନେ ।

## ମେଦିନୀପୁର ସ୍କୁଲରେ ଶିକ୍ଷା ସମ୍ବନ୍ଧିତ ବୈଠକ

**ଭବାନୀପାଟଣା,୫।୫(ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଶତପଥୀଙ୍କ ଅଧକ୍ଷତାରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ କାର୍ଯ୍ୟକାରୀ କରି ଏକ ଆଦର୍ଶ ବିଦ୍ୟାଳୟ ରୂପେ ଗଢି ତୋଳିବା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଭବାନୀପାଟଣା ବ୍ଲକ ବିଇଓ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି, ବିଆରସିସି ଜୟ ମାଝି, ଏବିଇଓ ଠାକୁରଚନ୍ଦ୍ର ସାହୁ, ପରିଚାଳନା କମିଟି ସଭାନେତ୍ରୀ ସୁବାସିନୀ ଦଣ୍ଡସେନା, ସିଆରସିସି ରାଧେଶ୍ୟାମ ଦାସ, ସାହା ହାତିମ ମହମ୍ମଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଭା ଭୋଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନିକଟରେ ଅବସର ଗ୍ରହଣ କରିଥିବା ସିଆରସିସି ରାଧେଶ୍ୟାମ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

■ ବେଦାନ୍ତ ସମ୍ମୁଖରେ ଶ୍ରମିକ ମୃତ୍ୟୁ ଘଟଣା

## ସ୍ୱାମୀଙ୍କ ମୃତ୍ୟୁର ଉଚିତ୍ ତଦନ୍ତ ଦାବି କଲେ ସ୍ତ୍ରୀ

**ଭବାନୀପାଟଣା/ଲାଞ୍ଜିଗଡ, ୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ସମ୍ମୁଖରେ ଗତ ମାର୍ଚ୍ଚ ୨୮ ତାରିଖରେ ଆନ୍ଦୋଳନ ଚାଲିଥିବା ବେଳେ ଆନ୍ଦୋଳନକାରୀ ଓ ଓଆଇଏସ୍‌ଏଫ୍ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଆନ୍ଦୋଳନକାରୀଙ୍କ ମଧ୍ୟରୁ ଶ୍ରମିକ ଦାନୀ ବାତ୍ରା ଓ ଜଣେ ଓଆଇଏସ୍‌ଏଫ୍ କର୍ମଚାରୀ ପ୍ରାଣ ହରାଇଥିଲେ। ବର୍ତ୍ତମାନ ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଶୁକ୍ରବାର ମୃତ ଦାନୀଙ୍କ ସ୍ତ୍ରୀ ସୈରେନ୍ଦ୍ରୀ ବାତ୍ରା ନ୍ୟାୟ ପାଇଁ ଲାଞ୍ଜିଗଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୈରେନ୍ଦ୍ରୀ ଅଭିଯୋଗ କରିଛନ୍ତି ଯେ, ସବୁଦିନ ପରି ସେଦିନ ମଧ ଦାନି ବାତ୍ରା କାମ କରିବାକୁ ବେଦାନ୍ତ କମ୍ପାନୀକୁ ଯାଇଥିଲେ। ସେହି ସମୟରେ ପୋଲିସ୍ ମାଡରେ ତାଙ୍କର ଗୋଟିଏ ଗୋଡ ଭାଙ୍ଗି ଯାଇଥିବା ବେଳେ ଦୁଇହାତ ଓ ବେକରେ ଲାଠି ମାଡ ଚିହ୍ନ ରହିଥିଲା। ତାଙ୍କୁ ପୋଖରୀରେ ଫୋପାଡିବା ଓ ପରେ ଉଦ୍ଧାର କରି ମାରି ଦେଇଛନ୍ତି । ସେହି ସମୟରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଏତେ ଦିନ ହେଲା ଦୋଷୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେ ନ୍ୟାୟ ପାଇଁ ଆସିଥିବା କହିଛନ୍ତି। ଏହା ସହ ସେ ଏହି ଘଟଣାର ଉଚିତ ତଦନ୍ତ ଓ କ୍ଷତି ପୂରଣ ଦାବି କରିଛନ୍ତି। ଏ ସମ୍ବନ୍ଧରେ ଲାଞ୍ଜିଗଡ ଥାନାଧିକାରୀ ଚତୁର୍ଭୁଜ ନାଏକଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ଆଗରୁ ଏଫଆଇଆର ହୋଇଛି ଓ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ ପ୍ରକ୍ରିୟା ଆଗେଇବ। ଶୁକ୍ରବାର ସୈରେନ୍ଦ୍ରୀଙ୍କ ସହ ସହ ଛତ୍ରପୁର ସରପଞ୍ଚ ରାଜୀବ ମାଝି, ଆଦିବାସୀ ନେତା କୁମଟି ମାଝି ଓ ସଦା ନାଏକଙ୍କ ସହ ଅନେକ ମହିଳା ଲାଞ୍ଜିଗଡ ଥାନାକୁ ଆସିଥିଲେ।

# ଇଂଲିଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କୋକସରା,୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରଠାରେ ଏକ ମାସ ଧରି ହେବାକୁ ଥିବା ଇଂଲିଶ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅବସାପ୍ରାପ୍ତ ପ୍ରାଧ୍ୟାପକ ଡ଼. ଅଜୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଡ଼. ଚକ୍ରଧର ପ୍ରଧାନ, ସମ୍ମାନିତ ଅତିଥି ବରିଷ୍ଠ ସାମାଜିକ କର୍ମୀ କେଶବଲାଲ ବାଗ, ସାମାଜିକ କର୍ମୀ କୁଳଦିପ ଗୁପ୍ତା, ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ଶିକ୍ଷକ ତ୍ରିଦସ ନାଏକ, ଇଂଲିଶ ଅଧ୍ୟାପକ ପ୍ରିୟଦର୍ଶିନି ମହାବିଦ୍ୟାଳୟ ଜୁନାଗଡ଼ ପଦ୍ମଲେଖା ଚଲାନ ପ୍ରମୁଖ ଯୋଗଦେଇଥିଲେ। ଇଂଲିଶ ମାଧ୍ୟମ ଆଜିର ଆଧୁନିକ ଯୁଗରେ ସମାଜ ପାଇଁ ଏକ ଅବିଚ୍ଛେଦ ଅଙ୍ଗ । ଏଣୁ ଇଂଲିଶ ଶିଖିବା ଓ କହିବା ନିହାତି ଦରକାର ହୋଇପଡ଼ିଛି ବୋଲି ଏହି ଅବସରରେ ବକ୍ତାମାନେ କହିଥିଲେ। ଷଷ୍ଠ ଶ୍ରେଣୀରୁ ଡିଗ୍ରୀ ଛାତ୍ରୀଛାତ୍ର ଏହି ଶିବିରରେ ନାମ ପଞ୍ଜୀକରଣ କରି ଅଭିଜ୍ଞ ଇଂରାଜୀ ଶିକ୍ଷକମାନଙ୍କ ଦ୍ୱାରା ଇଂଲିଶ ଶିକ୍ଷା ଗ୍ରହଣ କରିବେ ବୋଲି ମତ ପ୍ରକାଶ ପାଇଛି ।

■ ପିଡବ୍ଲ୍ୟୁଡି ରାସ୍ତାଠାରୁ ଝାରବନ୍ଧ ଭାୟା ଚାରଭାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ

# ଧାର୍ଯ୍ୟ ସମୟର ୬ ମାସ ବିତିଲା, ସରିଲାନି କାମ

**ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ବିଭାଗ ନିଦ୍ରାବିଷ୍ଟ**

**ଜୁନାଗଡ,୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ଜୁନାଗଡ ବ୍ଲକ ପିଡବ୍ଲ୍ୟୁଡି ରାସ୍ତାଠାରୁ ଝାରବନ୍ଧ ଭାୟା ଚାରଭାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣ ଧାର୍ଯ୍ୟ ସମୟ ସୀମା ଭିତରେ ମଧ କାମ ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି। ଏହି କାମ ଗତ ୨୭।୧୧।୨୦୧୭ରେ ଆରମ୍ଭ ହୋଇ ୨୬।୧୦।୨୦୧୮ରେ ଶେଷ ହେବା କଥା। କିନ୍ତୁ ଠିକାଦାରଙ୍କ ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏ ପର୍ଯ୍ୟନ୍ତ ରାସ୍ତା କାମ ଅଧା ବି ଶେଷ ହୋଇ ପାରିନାହିଁ। ଫଳରେ ଅଧାପନ୍ତରିଆ କାମକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ପିଡବ୍ଲ୍ୟୁଡି ରାସ୍ତାଠାରୁ ଝାରବନ୍ଧ ଭାୟା ଚାରଭାଟି ପର୍ଯ୍ୟନ୍ତ ୫ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣ ପାଇଁ ୯.୨୦୪.୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ଜୁନାଗଡର ଲଛମନ ଶର୍ମା ନାମକ ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଯାହା ସୂଚନା ଫଳକୁ ଜଣାପଡୁଛି। ସମ୍ପୃକ୍ତ ଠିକାଦାର ଜଣକ ଆରମ୍ଭରୁ ମନ୍ଥର ଗତିରେ ରାସ୍ତା କାମ କରୁଥିବାରୁ ବର୍ତ୍ତମାନ ଧାର୍ଯ୍ୟ ସମୟ ଶେଷ ହୋଇ ୬ ମାସ ବିତିଯାଇଥିଲେ ମଧ୍ୟ ଅଧା ବି ସରି ନ ଥିବା ଦେଖିବାକୁ ମିଳିଛି। କେବଳ ମେଟାଲ, ମୋରୁମରେ ରାସ୍ତା ସରିଥିବାବେଳେ ଏ ପର୍ଯ୍ୟନ୍ତ ପିଚୁ କାମ ଆରମ୍ଭ ହୋଇନାହିଁ। ଏହି ରାସ୍ତାରେ ବ୍ୟବହୃତ ମେଟାଲ ହାଲୁକା ଓ ନିମ୍ନମାନର ବୋଲି ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ବର୍ତ୍ତମାନ ରାସ୍ତା ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କାଳୀପଦ ମହାକୁଡଙ୍କୁ ପଚାରିବାରୁ ଉକ୍ତ ରାସ୍ତାର ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଅଧାପନ୍ତରିଆ ପିଡବ୍ଲ୍ୟୁଡି ରାସ୍ତାଠାରୁ ଝାରବନ୍ଧ ଭାୟା ଚାରଭାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ।

■ ୬ ମାସ ହେଲା ପ୍ରକଳ୍ପ ଅଚଳ

# ପିଇଲା ପାଏନ୍ ଲାଗି ଉହକ୍‌ବିକଲ ଘନାଗୁଡ଼ାବାସୀ

**କୋକସରା, ୫।୫ (ଡ଼ି.ଏନ.ଏ)**

ଏହେଦେ ପଶ୍ଚିମ ଓଡ଼ିଶାର ବଡ଼ଭାଗିଜିଲାରେ ମୁଡ଼ଫଟା ଖରା ଲାଗି ଲୋକ୍ ଦିନର ୯ ବାଜ୍‌ଲେ ଘରୁ ନାଇଁ ବାହାରବାର। ଏନ୍ତାଥି ଅନେକ ଗାଁଗଡ଼ାରେ ଥିବାର ବଁଧିକଟା ଶୁଖିଗଲାନ। ନଲ୍‌ଟୁଆଁମାନ୍‌କେ ଦରକାର ହିସାବେ ପାଏନ୍ ନାଇଁ ବାହାରବାର। ଆରକେତେ ଜାଗାରେ ନଲ୍‌ଟୁଆଁ ଅଚଲ୍ ତ ଆରକେନ୍‌ନେ ପିଇଲା ପାଏନ୍ ପ୍ରକଳ୍ପ ଅଚଲ୍। ଏନ୍ତାଥି ଲୋକ୍ ପିଇଲା ପାଏନ୍ ଲାଗି ଉହକ୍‌ବିକଲ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଁଚେତ୍ ଘନାଗୁଡ଼ା ଗାଁରେ।

ସୂଚନା ହିସାବେ, ଆଏଜ୍‌କେ ୬ ମାସ ହେଲା ଗାଁରେ ଥିବାର ପିଇଲା ପାଏନ୍ ପ୍ରକଳ୍ପ ଅଚଲ ହେଇ ପଡ଼ିଛେ। ପ୍ରକଳ୍ପ ମରାମତି ବାବ୍‌ଦେ ଗାଁବାସୀ ପଁଚେତ୍‌ନୁ ମୂଳକରି ବ୍ଲକ ପରଶାସନ ତକ୍ ସମକୁ ଗୁହାରି କରି ନିରାଶ ହେଇଛନ୍। ସଭେ ଆଏଜ୍ କାଏଲ୍ କରି ଦିନ୍ ଗଡ଼ଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ଏହେଦେ ଖରାଦିନେ ଲୁକ୍‌କର ପିଇଲା ପାଏନ୍‌ର ବଡ଼ଭାରି ଦରକାର ଥିଲାବେଲେ ଗଲା ୬ ମାସ ହେଲା ପ୍ରକଳ୍ପଟା ଅଚଲ ହେଇ ପଡ଼ିରହିଛେ। ଯେନ୍‌ଥିରଲାଗି ଇ ପ୍ରକଳ୍ପ ଉପରେ ନିରଭର କରୁଥିବାର ଘନାଗୁଡ଼ା, ବନ୍ଦତଲପଡ଼ା, ବଡ଼ପଡ଼ା, ନାଏକପଡ଼ାର ଶତାଧିକ୍ ପରିବାରର ପିଇଲା ପାଏନ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଛନ୍। ଇ ଗାଁବାସୀ ପିଇଲା ପାଏନ୍ ଲାଗି ନଲ୍‌ଟୁଆଁ ଉପରେ ଆଶ୍‌ରେ କରୁଛନ୍। ହେଲେ ଲୁକ୍ ସଂଖ୍ୟା ହିସାବେ ନଲ୍‌ଟୁଆଁ ବହୁତ୍ କମ୍ ଅଛେ, ଯେନ୍‌ଥିରଲାଗି ସଭେ ପିଇଲା ପାଏନ୍ ନାଇଁପାଏବାର। ଅନେକ ସମିଆରେ ପିଇଲା ପାଏନ୍‌କେ ନେଇ ନିଜର ନିଜର ଭିତରେ ଛୁଟିଆମୁଟିଆ ରେଁଟେଁ ବାହାରୁଛେ। ଇଆଡ଼େ ଗାଁମାନକର ବଁଧିକଟା ଶୁଖା ପଡ଼ିଥିଲାବେଲେ ଲୋକ୍ ଗଧାବୁଡ଼ା, ଲୁଗା ସଫା କରବାର ଲାଗି ବଡ଼ା ହଇରାନ ହରକତ୍ ହେଉଛନ୍। ଗାଁରେ ଲୁକ୍‌କର ପିଇଲା ପାଏନ୍ ସୁବିଧାର ଲାଗି ଗଲା ୨୦୧୦ ସାଲେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫୁ ଗୁଟେ ପ୍ରକଳ୍ପ ତିଆର କରାଯାଇଥିଲା। ହେଲେ ଆଏଜ୍‌କେ ୬ ମାସ ହେଲା ପ୍ରକଳ୍ପଟା ଅଚଲ ହେଇ ପଡ଼ିଛେ, ପ୍ରକଳ୍ପର ମରାମତି ବାବ୍‌ଦେ ଗାଁବାସୀ କୋକସରା ବିଡିଓ ବସନ୍ତ କୁମାର ସେଠୀଙ୍କୁ ଭେଟି ଗୁହାରି କରିଥିଲେ। ବିଡିଓ ଇ ଦିଗେ ବହୁତ୍ ଜଲଦି ପଦକ୍ଷେପ ନିଆଯିବା ବଲି ଗାଁବାସୀକୁ କଥା ଦେଇଥିଲେ। ଆଏଜ୍‌କେ ମାସେରୁ ଅଧିକା ବିତିଯାଇଛେ, ବିଡିଓଙ୍କର ପରତିଶ୍ରୁତି ସତେ ଯେନ୍ତା ଗାଁବାସୀକର ଲାଗି ପାନିର ଗାର ପାଲଟିଛେ। ଇ ବାବ୍‌ଦେ ଲଡୁଗାଁ ସରପଁଚ୍ କହ୍ନେଇ ଚରଣ ଦାସଙ୍କୁଁ ପଚରାଲାରୁ ପାଇପ ଲାଇନ୍ କାମ ଚାଲିଛେ ଦିନାକେତେ ଭିତରେ ପାଏନ୍ ଯୁଗେଇ ଦିଆଯିବା ବଲି କହିଥିଲେ। ସେନ୍ତା ଇ ବାବ୍‌ଦେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠୀଙ୍କୁଁ ପଚରାଲାରୁ ପାଇପ ଲାଇନ ଫାଟିଯାଇଥିଲା, ମରାମତି ଚାଲିଛେ। ବହୁତ୍ ଜଲଦି ଗାଁବାସୀକୁ ପିଇଲା ପାଏନ୍ ଯୁଗେଇ ଦିଆଯିବା ବଲି ସେ କହିଥିଲେ।



ଘନାଗୁଡ଼ାରେ ଅଚଲ ହେଇ ପଡ଼ିଥିବାର ପିଇଲା ପାଏନ୍ ପ୍ରକଳ୍ପ।

